ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧ ମାର୍ଚ୍ଚ, ୨୦୨୩

**ଜାତୀୟ ବିଜ୍ଞାନ ଦିବସ**

ଗୁପ୍ତାରୋଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଗୁପ୍ତାରୋଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଦିବସରେ ସନ୍ୟାସୀ ଉଚ୍ଚ ବିଦ୍ୟାପୀଠ ମୁର୍ସିଙ୍ଗର ବିଜ୍ଞାନ ଶିକ୍ଷକ ନରେନ୍ଦ୍ର କୁମାର ଖିଲାର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କୁ ସି.ଭି. ରମଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଉପରେ ବୁଝାଇଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥିଙ୍କ ପରିଚୟ ପ୍ରଦାନ କରି ଜାତୀୟ ବିଜ୍ଞାନ ଦିବସର ଉଦେଶ୍ୟ ଜ୍ଞାପନ କରିଥିଲେ। ପ୍ରତିଯୋଗିତାରେ କୃତୀ ଶିଶୁମାନଙ୍କୁ ଅତିଥି ଓ ସଭାପତି ଘନଶ୍ୟାମ ଭୋଇ ମାନପତ୍ର ପ୍ରଦାନ କରିଥିଲେ। ସରୋଜ କୁମାର ନାଏକ ମଞ୍ଚ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର



**ଲାଞ୍ଜିଗଡ଼,୨୮।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତଥା ବିଶ୍ୱନାଥପୁର ବନାଞ୍ଚଳ ମୁଷାନାଳ ସେକ୍ସନ ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତ ମଠାଗୁଡ଼ା ଗାଁରେ ଭାଲୁ ଆକ୍ରମଣରେ ବୁଦା ମାଝି ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଓ ଗାଁ ଲୋକେ ଜଣେ କ୍ୱାକଙ୍କ ଦ୍ୱାରା ଚିକିତ୍ସା କରାଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୁଦା ତାଙ୍କ ସ୍ତ୍ରୀ ନାଙ୍ଗ ମାଝିଙ୍କ ସହିତ କର୍କାମସ୍କା ଗାଁ ନିକଟସ୍ଥ ବିଲ ପଟେ ଯାଇଥିବାବେଳେ ଭାଲୁ ଆକ୍ରମଣ କରିଥିଲା। ସ୍ୱାମୀସ୍ତ୍ରୀଙ୍କ ଚିତ୍କାର ଶୁଣି କର୍କାମସ୍କା ଓ ମଠାଗୁଡ଼ା ଗାଁର ଲୋକେ ଦୌଡ଼ି ଆସିବାରୁ ଭାଲୁ ଜଙ୍ଗଲକୁ ପଳାଇଯାଇଥିଲା। ଲୋକେ ଗୁରୁତର ବୁଦାଙ୍କୁ ଉଦ୍ଧାର କରି ଆଣିବା ସହ ଯୋଗାଯୋଗ ଅଭାବରୁ ଚିକିତ୍ସା ପାଇଁ ବାହାରକୁ ନେଇ ପାରି ନ ଥିବାବେଳେ ଜଣେ କ୍ୱାକଙ୍କ ଦ୍ୱାରା ଚିକିତ୍ସା କରାଉଥିବା ଜଣାପଡ଼ିଛି। ତାଙ୍କ ଅବସ୍ଥା ସ୍ଥିର ଥିବାବେଳେ ଉଚ୍ଚତର ଚିକିତ୍ସା ପାଇଁ ବନ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

### ନକଲି ମଦ ଜବତ, ୨ ଗିରଫ

**ଭବାନୀପାଟଣା,୨୮।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଭୋରରେ ଶ୍ରଦ୍ଧାପୁର ଗ୍ରାମ ନିକଟରେ ନକଲି ମଦ ଚାଲାଣ ହେଉଥିବା ଖବର ପାଇ ଏକ ଚାରି ଚକିଆ ମିକ୍ସି ଟ୍ରକ ଉପରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଗାଡ଼ିରେ ଥିବା ୨ ହଜାର ନକଲି ପାଉଚ ମଦ ଜବତ କରାଯାଇଥିଲା। ଗୋଟିଏ ପାଉଚରେ ୨ଶହ ଏମଏଲ ମଦ ରହିଥିବା ସୂଚନା ମିଳିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ଚାରି ଚକିଆ ମିକ୍ସି ଟ୍ରକ ଓ ୧୦ ହଜାର ଟଙ୍କା ଜବତ କରାଯାଇଥିବା ବିଭାଗଠାରୁ ସୂଚନା ମିଳିଛି। ଧର୍ମଗଡ଼ ଅବକାରୀ ଉପନିରୀକ୍ଷକ ଅଜୟ ନଏକଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

### ବୃଦ୍ଧଙ୍କ ଶବ ସତ୍କାର କଲା ପୋଲିସ

**ଲାଞ୍ଜିଗଡ,୨୮।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶନାଥପୁର ଥାନା ଅନ୍ତର୍ଗତ ପୋଖରୀବନ୍ଧ ପଞ୍ଚାୟତ ବକଟପୁର ଗାଁ ନିକଟରେ ସୋମବାର ବିଳମ୍ବିତ ରାତିରେ ବିଶ୍ୱନାଥପୁର ପୋଲିସ ଅଜଣା ବୃଦ୍ଧଙ୍କ ମୃତଦେହ ଜବତ କରିଥିଲା। ମଙ୍ଗଳବାର ମାଜିଷ୍ଟ୍ରେଟ ତଥା ଲାଞ୍ଜିଗଡ ତହସିଲଦାର ମୁନିନ୍ଦ୍ର ହୋନ୍ନାଙ୍ଗାଙ୍କ ଉପସ୍ଥିତରେ ବ୍ୟବଚ୍ଛେଦ କରାଯାଇଥିଲା। ବୃଦ୍ଧଙ୍କ ସମ୍ପର୍କୀୟ କେହି ନ ଥିବାରୁ ବିଶ୍ୱନାଥପୁର ପୋଲିସ ଶବ ସତ୍କାର କରିଥିଲା। ସୂଚନା ଅନୁସାରେ ବୃଦ୍ଧ ଜଣକ ମାନସିକ ବିକୃତ ଥିବାବେଳେ ସେ ଦୀର୍ଘ ଦିନ ହେଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଗାଁ ଗାଁ ବୁଲି ଭିକ୍ଷା ମାଗି ଚଳୁଥିଲେ। ସୋମବାର ରାତିରେ କୌଣସିରୁ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଖବର ପାଇ ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମ ନିଜ ଟିମ୍ ସହ ଯାଇ ମୃତଦେହ ଜବତ କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ ହୋଇଛି।

### ବେସରକାରୀ ସଂଘ କର୍ମକର୍ତ୍ତା ଚୟନ

**ଖଡ଼ିଆଲ,୨୮।୨(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ବେସରକାରୀ ଶିକ୍ଷକ ସଂଘ ନୂଆପଡା ଜିଲାସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ପୂର୍ବତନ ସଭାପତି ହରେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଖଡ଼ିଆଲ ମହାବିଦ୍ୟାଳୟ ଡ଼ ପଦ୍ମଲୋଚନ ବର୍ମା, ତୁକୁଲା କଲେଜ କାର୍ଯ୍ୟକାରୀ ସଭାପତି ବିଘ୍ନରାଜ ଦାସ, ସମ୍ପାଦକ ବୋଡ଼େନ କଲେଜ ଅବନୀ ଖମାରି, ସହସମ୍ପାଦକ ନାରାୟଣ ମିଶ୍ର, ପ୍ରଣତି ପଣ୍ଡା, କୋଷାଧକ୍ଷ ବିଶିକେଶନ ନାୟକ ଖଡ଼ିଆଲ କଲେଜରୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଭୁପିନ୍ଦର ସିଂହ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣୟ ତ୍ରିପାଠୀ, ରାଜ୍ୟ ଉପସଭାପତି ଡ଼ ସୁଦର୍ଶନ ପାଣିଗ୍ରାହୀ ଓ ସହ ସମ୍ପାଦକ ଡ଼ ଅଶ୍ୱିନୀ ସୁପକାର ଯୋଗଦେଇଥିଲେ।

# ହତ୍ୟା ଅଭିଯୋଗ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କୋକସରା,୨୮।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପାଷ୍ଟିକୁଡି ଥିବା ଠିକା କ୍ୟାମ୍ପରେ ସୋମବାର ଅପରାହ୍ନରେ ନିଆଁ ଲାଗି କୋକସରା ଥାନା କାଶିବାହାଲ ଗ୍ରାମର ଶ୍ରମିକ ପ୍ରଦୀପ କେତକୀ (୪୫)ଙ୍କ ଜୀବନ୍ତଦଗ୍ଧ ହୋଇ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ଗାଁକୁ ଆସିବା ବାଟରେ ଚିଲିଗୁଡା ନିକଟରେ ଜାତୀୟ ରାଜପଥ ୨୬ରେ ହତ୍ୟା ଅଭିଯୋଗ ଓ କ୍ଷତିପୂରଣ ଦାବି କରି ଅପରାହ୍ନ ୪ଟାରୁ ରାସ୍ତା ଅବରୋଧ କରାଯାଇଛି। ଖବର ପାଇ କୋକସରା, ଆମପାଣି, ଓ ଜୁନାଗଡ ଥାନାଧିକାରୀଙ୍କ ସମେତ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, କାଶିବାହଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ ପହଞ୍ଚି ମୃତକଙ୍କ ପରିବାରଙ୍କ ସହ ଆଲୋଚନା କରିଥିଲେ। ଠିକାସଂସ୍ଥା ପକ୍ଷରୁ ୫ ଲକ୍ଷ ୫୦ ହଜାର କ୍ଷତିପୂରଣ ଦେବା ସହ ନିରପେକ୍ଷ ତଦନ୍ତ କରାଯିବା ନେଇ ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି। ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ ଫଳରେ ଭବାନୀପାଟଣାରୁ ଜୟପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।



ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

**ଠିକା କ୍ୟାମ୍ପରେ ନିଆଁ ଲାଗି ଶ୍ରମିକ ଜୀବନ୍ତଦଗ୍ଧ ଘଟଣା**

ସୂଚନା ଅନୁସାରେ କୋକସରା ବ୍ଲକ କାଶିବାହଲ ଗ୍ରାମର ପ୍ରଦୀପ ଭବାନୀପାଟଣାର ଜଣେ ଠିକାଦାରଙ୍କ ନିକଟରେ ମୁନୁସି ଭାବେ ୬ମାସ ହେବ ପାଷ୍ଟିକୁଡିରେ ଥିବା ଠିକାସଂସ୍ଥା କ୍ୟାମ୍ପରେ କାମ କରୁଥିଲେ। ସୋମବାର କ୍ୟାମ୍ପରେ ନିଆଁରେ ପୋଡି ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାରବର୍ଗ ପାଷ୍ଟିକୁଡିରେ ପହଞ୍ଚି ପ୍ରଦୀପଙ୍କ ମୃତ୍ୟୁ ନିଆଁରେ ପୋଡି ନୁହେଁ ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିବା ସହ ଠିକାସଂସ୍ଥା ଇନ୍‌ଚାର୍ଜ ବ୍ୟକ୍ତି ହିଁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ପ୍ରଦୀପ ସନ୍ଧ୍ୟାରେ ଝିଅ ଓ ସ୍ତ୍ରୀଙ୍କୁ ଫୋନ କରି ତାଙ୍କୁ ଇନ୍‌ଚାର୍ଜ ବ୍ୟକ୍ତି ନିର୍ଯାତନା ଦେଉଥିବା ଓ ଜୀବନରେ ମାରି ଦେବାକୁ ଧମକ ଦେଉଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଫୋନ କରିବାର କିଛି ସମୟ ପରେ ନିଆଁରେ ପୋଡି ମୃତ୍ୟୁ ହୋଇଥିବା ଖବର ମିଳିଥିଲା। ପରିବାରବର୍ଗ କ୍ୟାମ୍ପରେ ପହଞ୍ଚିବା ବେଳକୁ ପ୍ରଦୀପଙ୍କ ମୃତ୍ୟୁ ହୋଇସାରିଥିଲା। ଯାଦବ ସମାଜ କର୍ମକର୍ତ୍ତା ଡମ୍ବରୁ ଲହଜଳ, ଡାକେଶ୍ୱର ଲହଜଳ, ଧନୁ ଗୋପାଳ, ଲିଙ୍ଗରାଜ ବେହେରା, ଅଭିମନ୍ୟୁ ଗୋପାଳ, ବିନୋଦ ବିହାରୀ ରାଉତ, ହେମନ୍ତ କଟା, ଧନସିଂ ବାଗ ପ୍ରମୁଖ ଘଟଣାକୁ ସମର୍ଥନ ଜଣାଇ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ରାସ୍ତା ଅବରୋଧରେ ସାମିଲ ହୋଇଥିଲେ।

# ବିଶ୍ୱ ପୁସ୍ତକ ମେଳାରେ ଡିଲେଶ୍ୱର ରଣାଙ୍କ 'ମେଳିଭୂଇଁ' ଉନ୍ମୋଚିତ

**ଭବାନୀପାଟଣା,୨୮।୨(ସ୍ୱ.ପ୍ର.)**

କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝିଙ୍କ ଉପରେ ଯୁବ ଲେଖକ ଡିଲେଶ୍ୱର ରଣାଙ୍କ ଦ୍ୱାରା ରଚିତ ଗବେଷଣାତ୍ମକ ଉପନ୍ୟାସ 'ମେଳିଭୂଇଁ' ଉନ୍ମୋଚିତ ହୋଇଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ବିଶ୍ୱ ପୁସ୍ତକ ମେଳାର ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ରାଜ୍ୟ ମନ୍ତ୍ରୀ ରାଜକୁମାର ରଞ୍ଜନ ଯୋଗଦେଇ ପୁସ୍ତକ ମେଳା ଉଦଘାଟନ ସହ ପୁସ୍ତକ ଉନ୍ମୋଚନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନୋବେଲ ବିଜେତା ଏନି ଏର୍ନୋ, ଏନବିଟି ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ, ଫ୍ରାନ୍ସ ରାଜଦୂତ ଇମାନୁଏଲ ଲେନିନ, ଆଇଟିପିଓ ଅଧକ୍ଷ ପ୍ରଦୀପ ସିଂ ଖରୋଲା, ଫ୍ରାନ୍ସ ସାଂସ୍କୃତି ଉପଦେଷ୍ଟା ଇମାନୁଏଲ ଲିବ୍ରଲ ଡେମିଏନ୍ସ ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନାଯୋଗ୍ୟ ଯେ, ରଣା ନ୍ୟାଶନାଲ ବୁକ ଟ୍ରଷ୍ଟ ଦ୍ୱାରା ପିଏମ ଯୁବା ମେଣ୍ଟରସିପ ପୁରସ୍କାରପ୍ରାପ୍ତ ହୋଇ ରେଣ୍ଡୋ ମାଝିଙ୍କ ଉପରେ ଗବେଷଣା କରୁଥିଲେ। ସେ ରେଣ୍ଡୋ ମାଝିଙ୍କ ସହ ସମ୍ବନ୍ଧିତ ବିଭିନ୍ନ ସ୍ଥାନ ପରିଭ୍ରମଣ, ଅଧ୍ୟୟନ ଓ ଦସ୍ତାବିଜ ସଂଗ୍ରହ କରି ଏହି ଉପନ୍ୟାସ ଲେଖିଛନ୍ତି।




# ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ମେଳା ଉଦ୍‌ଘାଟିତ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

**ନୂଆପଡ଼ା ଅଫିସ,୨୮।୨**

ସ୍ଥାନୀୟ ପୋଲିସ ପଡିଆରେ ମଙ୍ଗଳବାର ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ମୁଖ୍ୟଅତିଥି, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂମାଝି, ଉମା ଠାକୁର, ମୁରଲିଧର ଭୋଇ, ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ତନୟା ଶବର, ଆଶା ଜୈନ, ସ୍ମୃତି ସିଂ, ଯାଜ୍ଞାସେନୀ କଟା, ଶରତ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲା କୃଷି ଅଧିକାରୀ ହିମାଂସୁ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଦୀପ ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବର୍ତ୍ତମାନ ଭାରତରେ ୪୦% ଲୋକ କୃଷି ଯନ୍ତ୍ରପାତି ବ୍ୟାବହାର କରୁଥିବା ବେଳେ ବିଦେଶରେ ୯୫% କୃଷି ଯନ୍ତ୍ରପାତି ବ୍ୟାବହାର ହେଉଛି। ଏହି କୃଷି ଯନ୍ତ୍ରପାତି ମେଳାରେ ଏସଏଚଜି ମହିଳାମାନଙ୍କ ପାଇଁ ସିଧାସଳଖ ୩୦% ରିହାତି ରହିଛି। ଜିଲାର ସୁନାବେଡାରେ ଷ୍ଟ୍ରବେରି ଚାଷକୁ ଏକ ନୂଆ ଆଶା ଦେଖାଇଛି। ଜୈବିକ ପ୍ରାଣାଳୀରେ ଷ୍ଟ୍ରବେରି ଚାଷ କରି ସଫଳ ହୋଇଛନ୍ତି ବୋଲି ଜିଲାପାଳ ସାଏ କହିଥିଲେ। ଏହି କୃଷି ଯନ୍ତ୍ରପାତି ମେଳା ୨୮ରୁ ଆରମ୍ଭ ହୋଇ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଚାଲିବ। ମେଳାରେ ୫୬ଟି ଷ୍ଟଲ ଲାଗିଥିବା ବେଳେ ୨୦ଟି ଷ୍ଟଲରେ ବାହାର ଯନ୍ତ୍ରପାତି ନିର୍ମାଣ ସଂସ୍ଥା ରହିଛି।

# ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ




ବଡ଼କୁଟ୍ର ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଜିଲାପାଳ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭବାନୀପାଟଣା,୨୮।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ମଙ୍ଗଳବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗର୍ଭବତୀ ମା'ମାନେ ଯେଭଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ହିଁ ପ୍ରସବ କରନ୍ତୁ ଓ ଏହା ଶତପ୍ରତିଶତ ହାସଲ ହେଉ ବୋଲି ସେ ଆଶାକର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅତିଥିମାନଙ୍କ ମଧ୍ୟରେ ସିଡିଏମଓ ଡ଼ା ରଞ୍ଜନ ମିତ୍ର, ଡିପିଏଚଓ ଡ଼ା ରାକେଶ ସାହୁ, ମୁଖ୍ୟବକ୍ତା ଉମାଶଙ୍କର କର, ଏଡିପିଏଚଓ ଡ ନିହାରେନ୍ଦ୍ର ପଣ୍ଡା, ଡିଆଇପିଆର୍‌ଓ ମନୋଜ କୁମାର ବେହେରା ତଥା ଡିପିଏମଏନଏଚଏମ ଅବନୀ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଜିଲାପାଳ ଏମଆଇଏସ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କଲମପୁର ବ୍ଲକ ମିନିଗୁର୍, କେସିଙ୍ଗା ବ୍ଲକ ଲଇତରା ଓ କଲମପୁର ବଡ଼କୁଟ୍ରୁ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଗାଁ କଲ୍ୟାଣ ସମିତି ଅନ୍ତର୍ଗତ ସୁସ୍ଥ ଗାଁ ପୁରସ୍କାର ଭାବେ କେସିଙ୍ଗାର ବେଲାମାଲ, ଲାଞ୍ଜିଗଡ଼ର ମହେଶ୍ୱରପୁର, ଏମ. ରାମପୁରର ଦେଉଳିଗୁଲିଆ, ଭବାନୀପାଟଣାର କରାଟିକିଲି, ଜୁନାଗଡ଼ର ବଣିଜରା, ଥୁ.ରାମପୁରର ଶ୍ରିମସ୍କା, ପର୍ଲାର ବୋକ୍ରାକୋଟା, କଲମପୁରର ଟେମରା, ଗୋଲାମୁଣ୍ଡାର ଲାକୁର୍ ଭଟା, ନର୍ଲାର ଶ୍ରିପୁର, ଜୟପାଟଣାର ଗୁନଗୁନିଆ, କର୍ଲାମୁଣ୍ଡାର ସିଲେଟପଡ଼ା ଗାଁ କଲ୍ୟାଣ ସମିତି ପ୍ରତ୍ୟେକ ୧୦,୦୦୦ ଟଙ୍କା ସହ ସାର୍ଟିଫିକେଟ ଗ୍ରହଣ କରିଥିଲେ। ସେଭଳି ଜିଲାସ୍ତରୀୟ ଆଶା ପୁରସ୍କାର ରୂପେ ଏମ.ରାମପୁର ଓ କଲମପୁର ଲବଣୀ ସାହୁ ଏବଂ କସ୍ତୁରୀ ଛତ୍ରିଆ ପ୍ରଥମ, କର୍ଲାମୁଣ୍ଡାର ନମିତା ସାହୁ ଦ୍ୱିତୀୟ ଓ ଲାଞ୍ଜିଗଡ଼ର ପଙ୍କଜିନି ବଣୁଆ ତୃତୀୟ ରୂପେ ପୁରସ୍କାର ଲାଭ କରିଥିଲେ। ସଙ୍ଗୀତ ଓ ବକ୍ତୃତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆସିଷ୍ଟାଣ୍ଟ ମ୍ୟାନେଜର ଏନସିଡି ମିନାକ୍ଷୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା,୨୮।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଖମାରହଲଦୀ ଗ୍ରାମପଞ୍ଚାୟତ ନୂତନ ପ୍ରାଥମିକ ବିଦ୍ୟାଳୟ ଦର୍ଲିପଡାଠାରେ ମଙ୍ଗଳବାର ପଞ୍ଜିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଯୋଶୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଖମାରହଲଦୀ ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ଶିକ୍ଷାଧିକାରୀ ନବ କିଶୋର ସାହୁ, ସମ୍ମାନିତ ଅତିଥି ଭାବେ ଏବିଓ ତଥା ବିଆରସିସି ଲବଣି ନାଏକ, ଏବିଓ ଅବନୀ କୁମାର ପଣ୍ଡା ଯୋଗଦେଇଥିଲେ। ଅବସର ଶିକ୍ଷକ ଦିଲୀପ ଜଣେ ଛାତ୍ର ବତ୍ସଳ, କର୍ତ୍ତବ୍ୟ ନିଷ୍ଠ, ଆଦର୍ଶ, ସଦାସର୍ବଦା ସାଧୁବାପନ୍ନ, ମାନବିକଗୁଣ ସମ୍ପନ୍ନ ଭାବେ କାମ କରିଛନ୍ତି ବୋଲି ଅତିଥିମାନେ କହିଛନ୍ତି। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ଉପଢୌକନ ଦେଇ ମାନପତ୍ର ସହ କାଠରେ ତିଆରି ଗଣେଶ ମୂର୍ତ୍ତି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଭାଟିପଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଶ୍ୱଜିତ ନେଗି ବିବରଣୀ ପାଠ କରିଥିଲେ। ବିଦାୟ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଜୀବନ ଜ୍ୟୋତି ଚିଚିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୟ ମୁଣ୍ଡ, ସୁନୀଲ ଖାନସମା, ଚଉବନ ଗୋପାଳ, ରାଜୀବ ଦୁର୍ଗା, କିଶୋର ମାଝି, କୃଷ୍ଣଚନ୍ଦ୍ର ଯୋଶୀ, ସୁଧୀର ସିଂମାଝି, ଆଶିଷ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଘୋଟିଆ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଦ୍ୟାଧର ମୁଣ୍ଡ ଧନ୍ୟବାଦ ଦେଇଥିଲେ।

# ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା,୨୮।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଶିକ୍ଷକ ଭବନଠାରେ ମଙ୍ଗଳବାର ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁରେନ୍ଦ୍ର ମୋହନ ଯୋଶୀଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକମାନଙ୍କ ଦୀର୍ଘ ଦିନର ଦାବି ପୂରଣ କରିଛନ୍ତି। ସମସ୍ତ ଶିକ୍ଷକମାନଙ୍କ ପଦନ୍ନୋତି କରିଛନ୍ତି। ତେଣୁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଶିକ୍ଷକ ସଂଘ ସଭାପତି ଓ ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ବୈଠକରେ ସଂଘ ଜିଲା ଉପସଭାପତି ବିରେନ୍ଦ୍ର ବାଗ, ଧିରେନ୍ଦ୍ର ପଟ୍ଟନାୟକ, ପଦ୍ମଲୋଚନ ନାଏକ, ଉପେନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପୂଝାରୀ, ଲିଙ୍ଗରାଜ ନାଏକ, ଶିବ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଟିକେଶ୍ୱର ହଂସଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ

**ନୂଆପଡ଼ା ଅଫିସ,୨୮।୨:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁପା ପଞ୍ଚାୟତ ଗନିଆରୀ ରୋୟଲ କ୍ଲବ ସଦସ୍ୟ ତଥା ନେହେରୁ ଯୁବ କେନ୍ଦ୍ର ନୂଆପଡା ପୂର୍ବତନ ସ୍ୱେଚ୍ଛାସେବୀ ଟିକେଶ୍ୱର ହଂସଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର ନୂଆପଡା ଆନୁକୂଲ୍ୟରେ ଖଡିଆଲ ଶ୍ରୀଜି ମଣ୍ଡପ ଠାରେ ଆୟୋଜିତ ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମାନିତ କରିଥିଲେ। ଟିକେଶ୍ୱର ପ୍ରକୃତି ସୁରକ୍ଷା ଯଥା ବୃକ୍ଷ ରୋପଣ, ମୃତ୍ତିକା ସଂରକ୍ଷଣ, ସ୍ୱଚ୍ଛ ଭାରତ ଅଭିଯାନ, ଜଳ ସଞ୍ଚୟ, ଜଙ୍ଗଲ ସୁରକ୍ଷା, ଜଙ୍ଗଲକୁ ନିଆଁଦାଉରୁ ରକ୍ଷା ପାଇଁ ସଚେତନ କରି ଆସୁଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ କୋମନା ବ୍ଲକ ତଥା ଜିଲାର ବିଭିନ୍ନ ବ୍ଲକରେ ସଚେତନ କରୁଛନ୍ତି। ଯୁବକମାନଙ୍କ ବିକାଶ ପାଇଁ ଗାଁ ବୁଲି ଯୁବକ ସଂଘ ମାନ ଗଠନ କରିବା ସହ ନୂତନ ଯୁବକ ସଂଘ ଗଠନ କରିବା ପାଇଁ ସଚେତନ କରି ଆସୁଛନ୍ତି।

# ନୂଆପଡ଼ାରେ ଆଇଡିବିଆଇ ବ୍ୟାଙ୍କ ନୂତନ ଶାଖା

**ନୂଆପଡ଼ା ଅଫିସ,୨୮।୨**

ନୂଆପଡା ଜଲା ସଦର ମହକୁମା ଓ ଖରିଆର ରୋଡ ମଧ୍ୟ ଭାଗରେ ଗୌତମା ଛକଠାରେ ଆଇଡିବିଆଇ ବ୍ୟାଙ୍କ ନୂତନ ଶାଖା ସୋମବାର ଉଦଘାଟିତ ହୋଇଯାଇଛି। ଏହା ସମଗ୍ର ଭାରତ ବର୍ଷରେ ୧୯୧୨ତମ ଶାଖା ହୋଇଥିବା ବେଳେ ଓଡିଶାରେ ୭୫ତମ ଶାଖା। ଉଦଘାଟନୀ ଉତ୍ସବରେ ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଏମ୍‌ପି ପ୍ରତିନିଧି ଗୋଲଡି ଅଗ୍ରୱାଲ, ଆଇଡିବିଆଇ ସମୁହ ଭୁବନେଶ୍ୱର ଜୋନ ମୁଖ୍ୟ କୁନ୍ତଳ ବିଶ୍ୱାସ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଇଡିବିଆଇ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ ଦିପେନ ଦାସ, ଗୌତମ ସାଣା, ମୁଖ୍ୟ ପରିଚାଳକ କେଦାରନାଥ ଭୋଇ, ଏଜିଏମ ଆସେଟ ସୈଳେନ୍ଦ୍ର କୁମାର ଦାସ, ଏଜିଏମ ଲାଇଭଲି ହୁଡ, ସୋନାଳି ପ୍ରିୟଦର୍ଶିନୀ, ସ୍ମୃତି ରଞ୍ଜନ ଜେନା, ମ୍ୟାନେଜର ରିକୋଭରି ଦେବବ୍ରତ ପଣ୍ଡା, ବିରେନ୍ଦ୍ର କୁମାର ପାତ୍ର, ସୁପ୍ରିତ ସିଂ ଗୁରୁଦତ ପ୍ରମୁଖ ଉପସ୍ଥିତ ଥିଲେ।



ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ଉଦ୍‌ଘାଟନ କରୁଛନ୍ତି।

# କୁଲିଆବନ୍ଧାକୁ ହରାଇ ବିଶୋରା ଚାମ୍ପିୟନ

**ନୂଆପଡ଼ା ଅଫିସ,୨୮।୨**

ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଜନ ମଙ୍ଗଳ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଶାସ୍ତ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କୁଲିଆବନ୍ଧା ଓ ବିଶୋରା ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ବିଶୋରା ଚାମ୍ପିୟନ ହୋଇଛି। କୁଲିଆବନ୍ଧା ଟସଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୫୮ ରନ ସଂଗ୍ରହ କରିଥିଲା। ଜବାବରେ ବିଶୋରା ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୫୯ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରତିନିଧି ଜୟ ଢୋଲକିଆ ମୁଖ୍ୟଅତିଥି, ଭାନପୁର ସରପଞ୍ଚ ବିଜୟ କୁମାର ପଣ୍ଡା, ସମିତି ସଭ୍ୟା କେଶରୀ ବାଇ ମାଝି, ସାମାଜିକ କର୍ମୀ ମୋଇନ ଖାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅଫ ଦଳକୁ ନଗଦ ୧୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ବିଶୋରା ଦଳର ମୁକେଶ ଓ ମ୍ୟାନ ଅଫ ଦି ମ୍ୟାଚ ଲୋକେଶଙ୍କୁ ପୁରସ୍କୃତ କରାଯାଇଥିଲା। ଶାସ୍ତ୍ରୀ ଯୁବକ ସଂଘ ସଭାପତି ଘନଶ୍ୟାମ ପଟେଲ, ସଚିବ ପୁରୁଷୋତ୍ତମ ମାଝି, ଗିରିଧର, ସୈଳେନ୍ଦ୍ର, ଥାମସିଂ, ବସନ୍ତ, ପ୍ରୀତ ଡମ୍ବରୁ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜିଲା ପରିଷଦ ଭାନୁ ପ୍ରତାପ ସିଂ ମାଝି ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ମସାନକୁଣ୍ଡା ସରପଞ୍ଚ ସନ୍ତରାମ ପାଣ୍ଡେ, ସୁଧିର ମିଶ୍ର, ହିରାଲାଲ ପଟେଲ, କିଶୋର ଚନ୍ଦ୍ର ବାରିକ, ସମୀର କୁମାର ବେହେରା, ଗୁଭସାଗର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

**ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ**

## ସଂକ୍ଷେପରେ

### ଉପଖଣ୍ଡ ଡାକ୍ତରଖାନାରେ ନାହାନ୍ତି ଆବଶ୍ୟକ ଡାକ୍ତର

ଟିଟିଲାଗଡ,୨୮।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଜିଲାର ଅନ୍ୟତମ ପୁରାତନ ଚିକିତ୍ସାଳୟ। ଏହି ଡାକ୍ତରଖାନା ଉପରେ ଆଖାପାଖ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ହେଲେ ଏଠାରେ ଆବଶ୍ୟକ ଡ଼ାକ୍ତର ନ ଥିବାରୁ ରୋଗୀ ସେବା ବ୍ୟାହତ ହେଉଛି। ଏହାକୁ ନେଇ ସ୍ଥାନୀୟ ଆଦିବାସୀ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ସଂଘ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା ଓ ସହ ସମ୍ପାଦକ ସୁନିଲ ମାଝି ଏ ନେଇ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଟିଟିଲାଗଡ ଡାକ୍ତରଖାନାରେ ୧୮ଜଣ ଡାକ୍ତର ପଦବୀ ଥିବାବେଳେ ସରକାରୀଭାବେ ୧୦ଜଣ କାର୍ଯ୍ୟରତ ଥିବା ଉଲ୍ଲେଖ କରାଯାଇଛି। ସେଥିରୁ କେତେକ ଡ଼ାକ୍ତର ଉଚ୍ଚଶିକ୍ଷା ପାଇଁ ଅନ୍ୟତ୍ର ଯାଇଛନ୍ତି। ଏଣୁ ବସ୍ତୁତଃ ୫ଜଣ ଡାକ୍ତରରେ ଚାଲିଛଇ ରୋଗୀସେବା। ଏତେ ସଂଖ୍ୟକ ରୋଗୀଙ୍କ ପାଇଁ ମାତ୍ର ୫ଜଣ ଡାକ୍ତର କାର୍ଯ୍ୟ କରୁଥିବାରୁ ସେମାନଙ୍କ ଉପରେ ଅଧିକ ଚାପ ପଡୁଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସଭା ସାଂସଦ ବିଶିଙ୍କ ନିକଟରେ ଆଦିବାସୀ ସଂଘ ଦାବି କରିଛି।

### ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ

ଖପ୍ରାଖୋଲ,୨୮।୨ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ସର୍ବୋଦୟ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରାଧାକାନ୍ତ ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଲୁହାସିଂହା ସରପଞ୍ଚ ସିମାଞ୍ଚଳ ପୁରୋହିତ, ସମ୍ମାନୀତ ଅତିଥି ଜିଲା ବିଜ୍ଞାନ ନିରୀକ୍ଷକ ରାଜେଶ କୁମାର ମିଶ୍ର, ଛତାମଖନା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନୀଳମଣି ପଟେଲ, କନ୍ଧକେଲ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଗୋପାଲ ଖମାରୀ ଶର୍ମା, ଗାଇବାହାକ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନୀଲ କୁମାର ବେହେରା ଯୋଗ ଦେଇଥିଲେ। ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ସମ୍ୱନ୍ଧୀୟ କୁଇଜ ପ୍ରତିଯୋଗିତା ସହ ବିଜ୍ଞାନଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଅନିଲ କୁମାର ନନ୍ଦ, ଶିବପ୍ରସାଦ ତ୍ରିପାଠୀ, ବିଶ୍ୱଜିତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ କିଶୋର ପାତ୍ର ମଞ୍ଚ ପରିଚାଳନା କରିଥିଲେ।

### ଟ୍ୟାପରୁ ବୋହି ଯାଉଛି, ଯାତ୍ରୀଙ୍କୁ ମିଳୁନି ପାଣି

**ହରିଶଙ୍କର ରୋଡ ରେଳଷ୍ଟେଶନ**

ଲାଠୋର,୨୮।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳଷ୍ଟେଶନରେ ପାନୀୟ ଜଳ ପାଇଁ ଯାତ୍ରୀ ଓ ସମ୍ପର୍କୀୟ ଅସୁବିଧା ଭୋଗୁଛନ୍ତି। ଷ୍ଟେଶନରେ ପାନୀୟ ଜଳର ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ପ୍ଲାଟ ଫର୍ମ ନଂ ୧ ରେ ୩ଟି ଟ୍ୟାପୱାଲ ଏବଂ ପ୍ଲାଟ ଫର୍ମ ନଂ ୨ ରେ ୪ଟି ଟ୍ୟାପୱାଲ ରହିଛି। ତେବେ ଟ୍ୟାପଗୁଡ଼ିକରୁ ପାଣି ଜଳ ଆପେଆପେ ବୋହି ଯାଉଥିବା ଯୋଗୁଁ ଷ୍ଟେଶନକୁ ଆସୁଥିବା ଯାତ୍ରୀ ପାନୀୟ ଜଳ ପାଇ ପାରୁନାହାନ୍ତି। ଷ୍ଟେଶନରେ ରହିଥିବା ସିନଟେକ୍ସରୁ ସେହି ସବୁ ଟ୍ୟାପକୁ ପାଇପ ସଂଯୋଗ କରି ଜଳ ଯୋଗାଣ କରାଯାଉଛି। ହେଲେ କେତେକ ଜାଗାରେ ପାଇପ ଲିକ୍ ରହିଥିବା ବେଳେ ଟ୍ୟାପୱାଲର କେତେକ ଟ୍ୟାପ ମଧ ଖୋଲା ରହିଛି। ଫଳରେ ସିନଟେକ୍ସରୁ ପାଣି ଚାଲୁ କଲେ ପାଇପ ଏବଂ ଟ୍ୟାପରୁ ପାଣି ଆପେ ବୋହି ଯାଉଛି ଏବଂ ସିନଟେକ୍ସ ଖାଲି ହୋଇଯାଉଛି। ଫଳରେ ଯାତ୍ରୀମାନେ ବାଧ ହୋଇ ବୋତଲ ପାଣି କିଣି ବ୍ୟବହାର କରୁଛନ୍ତି। ଅପରପକ୍ଷରେ ଅଭିଯୋଗ ହେଉଛି ଯେ, ଲୋଭୋଲଟେଜ ଯୋଗୁ ସିନଟେକ୍ସକୁ ଆବଶ୍ୟକ ପାଣି ଉଠି ପାରୁନାହିଁ। ଏହି ସବୁ ସମସ୍ୟାର ସମାଧାନ ପାଇଁ ଯାତ୍ରୀମାନେ ଦାବି କରି ଆସୁଥିଲେ ମଧ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ଏନେଇ କଣ୍ଟାବାଞ୍ଜି ଆଇଓଡ଼ବ୍ଲୁ (ଇନ୍ସପେକ୍ଟର ଅଫ ୱାର୍କସ)ଦୀପକ କୁମାରଙ୍କୁ ଯୋଗାଯୋଗ କରିବାରୁ ଲୋକ ଟ୍ୟାପଗୁଡ଼ିକ ଭାଙ୍ଗି ଦେଉଥିବାରୁ ଏପରି ସମସ୍ୟା ହେଉଛି। ତଥାପି ଆମେ ତାର ସମାଧାନ କରୁଛୁ ବୋଲି କହିଥିଲେ।

# ୬ଦିନରେ ୪.୭୫କୁଇଣ୍ଟାଲ ଗଞ୍ଜେଇ ଜବତ

- ୪ଜଣଙ୍କୁ ବାନ୍ଧିଲା ଅବକାରୀ ବିଭାଗ
- ଆମ୍ବୁଲାନ୍ସ, ୨ କାର ଜବତ

ସୋନପୁର,୨୮।୨(ନି.ପ୍ର.)

ଆକ୍ସନ ମୁଡରେ ଏବେ ସୁବର୍ଣ୍ଣପୁର ଜିଲା ଅବକାରୀ ବିଭାଗ। ମଙ୍ଗଳବାର ଅବକାରୀ ବିଭାଗର ଜିଲା ମୋବାଇଲ ଟିମ୍ ସୋନପୁର ଥାନା ହରଡଖୋଲ ନିକଟରେ ଚଢାଉ କରି କାରରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଆକାଶ ସାହୁ(୨୦)ଙ୍କୁ ଗିରଫ କରିଛି। ଆକାଶଙ୍କ କାରରୁ ୧୫କିଲୋ ଗଞ୍ଜେଇ ଜବତ କରାଯାଇଛି। ଆକାଶଙ୍କ ଘର ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳରେ। ସେ କୁଣ୍ଡମାଳରୁ ହରଡଖୋଲକୁ ଗଞ୍ଜେଇ ବିକ୍ରି କରିବାକୁ ଆସିଥିଲେ। ଅବକାରୀ ବିଭାଗ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ସୁଇଫ୍ଟ ଡିଜାୟାର କାର ଓଡି୧୫ଯୁ-୫୬୪୧କୁ ଜବତ କରିଛି । ଏହି ଘଟଣାରେ ଆକାଶଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଜଣେ କଲେଜ ଛାତ୍ର ବୋଲି ଜଣାପଡିଛି। ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ପ୍ରକାଶ କୁମାର ସା, ସବ୍ ଇନ୍ସପେକ୍ଟର ବଳବୀର ଗଡନାୟକ ଓ ମୋବାଇଲ ଟିମ୍‌ର କର୍ମଚାରୀ ଏହି ଚଢାଉରେ ସାମିଲ ଥିଲେ।

ଗତ ୨୩ ତାରିଖରେ ବିଭାଗ ପକ୍ଷରୁ ବ୍ଲକ ଛକରେ ପାଟ୍ରୋଲିଂ ସମୟରେ ବେସରକାରୀ ଆମ୍ବୁଲାନ୍ସରେ ଗଞ୍ଜେଇ ଚୋରାଚାଲାଣକୁ ଧରିଥିଲା। ଛତିଶଗଡକୁ ଚୋରାଚାଲଣ ହେଉଥିବା ୪କୁଇଣ୍ଟାଲ ୨୦କିଲୋ ଗଞ୍ଜେଇ ଜବତ ହେବା ସହିତ ଛତିଶଗଡର ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ଗତ ୨୫ତାରିଖରେ କନ୍ଧମାଳ ଜିଲା ମୋହନା ଅଞ୍ଚଳରୁ ଏକ କାରରେ ବିହାରକୁ ଗଞ୍ଜେଇ ଚୋରାଚାଲାଣ କରାଯାଉଥିବାବେଳେ ଜିଲା ଅବକାରୀ ବିଭାଗ ହାତରେ ଧରା ପଡିଥିଲା। ଅବକାରୀ ଟିମ୍ ମହିନ୍ଦ୍ରା କେୟୁଭି ୧୦୦ କାର ଓ ୪୦ କିଲୋ ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ବିହାରର ୨ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ପୋଲିସ ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ତତ୍ପରତା ପ୍ରକାଶ କରୁ ନ ଥିଲା ବେଳେ ଅବକାରୀ ବିଭାଗ ଗତ ୬ ଦିନ ଭିତରେ କେବଳ ସୋନପୁର ଥାନା ଅଞ୍ଚଳରୁ ୩ଟି କେସରେ ୪ଜଣଙ୍କୁ ଗିରଫ କରିଛି। ଗୋଟିଏ ଆମ୍ବୁଲାନ୍ସ, ୨ଟି କାର ଓ ୪କୁଇଣ୍ଟାଲ ୭୫ଜବତ ହୋଇଛି। ଅବକାରୀ ବିଭାଗର ସକ୍ରିୟତା ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଚିନ୍ତାରେ ପକାଇଛି ।

# ଜିଲାସ୍ତରୀୟ ବିଜ୍ଞାନ ଦିବସ ପାଳିତ




ବିଜ୍ଞାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୨୮।୨(ନି.ପ୍ର.)

ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ବିଜ୍ଞାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସହରରେ ଥିବା ୭ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗାଇଡ ଶିକ୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ବୈଜ୍ଞାନିକ ତଥା ନୋବେଲ ବିଜେତା ଡ. ସି.ଭି.ରମଣଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ବିଜ୍ଞାନ ଦିବସର ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବା ସହିତ ମେହେର ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଅନ୍ୟତମ ଅତିଥି ଭାବେ ଧର୍ମଶାଳା ହାଇସ୍କୁଲର ପ୍ରଧାନଶିକ୍ଷକ ଲୋକନାଥ ମେହେର, ଜଉଁରାଭଉଁରା ହାଇସ୍କୁଲର ରାଧେଶ୍ୟାମ ପୁରୋହିତ ଓ ସାହାରା ଟ୍ରଷ୍ଟ ହାଇସ୍କୁଲର ଭବାନୀ ଶଙ୍କର ନାଏକ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ବିଷୟରେ ବୁଝାଇଥିଲେ। ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରକଳ୍ପ ଗୁଡିକୁ ପ୍ରଦର୍ଶିତ କରା ଯାଇଥିଲା। ଏହି ଅବସରରେ ସାହାରା ସ୍କୁଲର କୃତି ଛାତ୍ର ଗଙ୍ଗାଧର ପଣ୍ଡା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଛାତ୍ରୀ ସ୍ୱୟମ ସ୍ମୃତିରେଖା ବିଶି ଓ ପଲ୍ଲବୀ ପ୍ରିୟଦର୍ଶିନୀ ମିଶ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ।

# ଭାଷା ହେଉଛି ଗୋଟିଏ ଜାତିର ପରିଚୟ

ସୋନପୁର,୨୮।୨(ନି.ପ୍ର.)

ସୋନପୁର ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। 'ପ୍ରାକ-ସାରଳା ସାହିତ୍ୟର ଭାଷା :ଏକ ଅନୁଶୀଳନ' ଶୀର୍ଷକ ଏହି ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସଂଯୋଜକ ତଥା ବିଶିଷ୍ଟ ଗବେଷକ ଡଃ ଗୋପୀନାଥ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଭାଷା ହେଉଛି ଗୋଟିଏ ଜାତିର ପରିଚୟ। ଏକା ଦିନରେ ଭାଷା ସୃଷ୍ଟି ହୋଇଯାଏ ନାହିଁ। ଏଥିପାଇଁ ଦୀର୍ଘଦିନ ଅବିରତ ସାଧନାର ଆବଶ୍ୟକତା ରହିଛି। ଆଜି ଆମେ ଯେଉଁ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାକୁ ଦେଖୁଛୁ ଏହାର ପଶ୍ଚାତରେ ଏକ ସୁଦୀର୍ଘ ସାଧନା ରହିଛି। ସବୁ ଲିଖିତ ସାହିତ୍ୟର ଭାଷାର ଜନନୀ ହେଉଛି ଲୋକଭାଷା। ଓଡ଼ିଆ ଲିଖିତ ସାହିତ୍ୟର ପ୍ରାରମ୍ଭରେ ଲୋକଭାଷାର ପ୍ରାଚୁର୍ଯ୍ୟ ସହଜରେ ଅନୁଭବ କରିହୁଏ। ଏହି ମର୍ମରେ ପ୍ରାକ ସାରଳା ସାହିତ୍ୟର ଭାଷା ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ଡଃ ବାଗ ମତ ଦେଇଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

**ସୋନପୁର ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

ଅନ୍ୟତମ ଅତିଥିଭାବେ ଉଲୁଣ୍ଡା ଡିଗ୍ରୀ କଲେଜ ଅଧ୍ୟକ୍ଷ ତଥା ସୁସାହିତ୍ୟିକ ଡଃ ଦେବାଶିଷ ପାଣ୍ଡିଆ ଯୋଗଦେଇ ଆଲୋଚ୍ୟ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ସାହିତ୍ୟ ଗବେଷଣାର ଧାରା ଉପରେ ଉପାଦେୟ ପରାମର୍ଶ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡଃ ସୌରଭ ରଞ୍ଜନ ଖମାରୀ ସଭାର ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ସରୋଜ କୁମାର ଜଗଦଲା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରରେ ବିଶିଷ୍ଟ ନାଟ୍ୟକାର ଗବେଷକ ଡଃ ପୁରୁଷୋତ୍ତମ ମିଶ୍ର, ପ୍ରାଧ୍ୟାପିକା ଡକ୍ଟର କଳ୍ପନା ମିଶ୍ର, ଅଧ୍ୟାପିକା ଡଃ ଇତିଶ୍ରୀ ଦାସ, ଅଧ୍ୟାପକ ଡଃ ମୀନକେତନ କୁମ୍ଭାର ଓ ଡଃ ରାଜେନ୍ଦ୍ର ରନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେବପ୍ରିୟ ହାତୀ, ସାଗରିକା ଦେହୁରୀ, ସୁବର୍ଣ୍ଣା ବେହେରା, ଘନଶ୍ୟାମ ମାଝି ଆଦି ଛାତ୍ରୀଛାତ୍ର ତାଙ୍କର ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ତୃତୀୟ ବର୍ଷର ଛାତ୍ର ଗୁପ୍ତେଶ୍ୱର ମେହେର ଧନ୍ୟବାଦ ଦେଇଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ର ଉକ୍ତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

## ଆମ ପୋଲିସ ବୈଠକ

ତରଭା, ୨୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା କମସରା ଫାଣ୍ଡି ପରିସରରେ ମଙ୍ଗଳବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସୁବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସଆଇ ସୌମ୍ୟ ରଞ୍ଜନ ବରାଳ, ଶେଖର ଚନ୍ଦ୍ର ମହାନ୍ତି, ଏଏସଆଇ ଗଜାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପ୍ରତି ବୃଦ୍ଧି ପାଇ ଚାଲିଥିବା ଅନଲାଇନ ଠକେଇ ଉପରେ ଆଲୋଚନା ହୋଇଥିଲା। ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ନିଜ ମୋବାଇଲରେ ଆସୁଥିବା ଓଟିପି କାହାକୁ ନଦେବା, ଅନଲାଇନରେ ଦେନନେଣ କାରବାର ପଞ୍ଜିକରଣ ଆପ ବ୍ୟବହାର କରିବା, କ୍ରେଡିଟ କାର୍ଡ ଓ ଡେବିଡ କାର୍ଡରେ ଥିବା ସିଭିଭି କାହାକୁ ସେୟାର ନ କରିବା, ଫୋନ ପେ ଓ ଗୁଗୁଲ ପେ ବ୍ୟବହାର କରିବା ସମୟରେ ଭଲ ଭାବେ ଦେଖି ଟଙ୍କା କରିବା ଉପରେ ସଚେତନତା ଆବଶ୍ୟକ ବୋଲି ଆଇଆଇସି ପାଣିଗ୍ରାହୀ କହିଥିଲେ। ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, ମନୋଜ ମନହିରା, କଲ୍ୟାଣ ନାଏକ, ଜୟ ପ୍ରକାଶ ନାରାୟଣ ସାହୁ, ଶିଶିର ପଣ୍ଡା ଭୋଳା ବର୍ମା, ରାଜୁ ବିଭାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଏସ୍‌ଡିସିଏ ସୋନପୁରକୁ ହରାଇଲା ଟିଟିଲାଗଡ଼




ଟିଟିଲାଗଡର ବିକି ନାଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଉଛି।

**ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଉଲୁଣ୍ଡା,୨୮।୨(ଡିଏନଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସ୍ପୋର୍ଟସ ଆସୋସିଏଶନ ଆୟୋଜିତ ୨୯ତମ ସର୍ବ ଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିନ ଖେଳରେ ଟିଟିଲାଗଡ ଦଳ ଏସଡ଼ିସିଏ ସୋନପୁରକୁ ୬୧ରନରେ ପରାସ୍ତ କରି ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଟିଟିଲାଗଡ ଦଳ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୯୩ ରନ କରିଥିଲା। ଦଳ ପକ୍ଷରୁ ସୁନୀଲ ଭୋଇ ୪୯ରନ ସଂଗ୍ରହ କରିଥିଲେ । ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୨ରନ କରି ପରାଜିତ ହୋଇଥିଲା । ଦଳର ଗୌରଭ ରାଉତ ସର୍ବାଧିକ ୬୨ରନ ସଂଗ୍ରହ କରିଥିଲେ । ଟିଟିଲାଗଡର ବିକି ନାଗ ୪ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ




ଆଇନ ସଚେତନତା କାର୍ଯ୍ୟକ୍ରମରେ ଅତିଥି।

ବୌଦ୍ଧ,୨୮।୨( ସ୍ୱ.ପ୍ର.)

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ପୁରୁଣାକଟକ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା ହରଭଙ୍ଗା ତାଲୁକୁ ଆଇନ ସେବା କମିଟି ଅଧ୍ୟକ୍ଷ ଶୁଭଙ୍କର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଏମଭିଆଇ ମିଲି ସାହୁ, ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଧରିତ୍ରୀ ରାଣୀ କାନୁନଗୋ , କୋର୍ଟ କର୍ମଚାରୀ ସଞ୍ଜୀବ କୁମାର ବାଗ, ରମାକାନ୍ତ ମିର୍ଦ୍ଧା , ଦ୍ୟୁମ୍ନନାଥ ପାତ୍ରଙ୍କ ସମେତ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ । ଏଠାରେ ସମସ୍ତଙ୍କୁ ସଡକ ସୁରକ୍ଷାର ବିଭିନ୍ନ ନିୟମାବଳୀ, ଦୁର୍ଘଟଣା ପରେ କ୍ଷତିପୂରଣ ଦାବି ଇତ୍ୟାଦି ଉପରେ ସଚେତନ କରାଯାଇଥିଲା।

## ତାଲୁକସ୍ତରୀୟ ଆଇନ ସଚେତନତା ଶିବିର

ଖଡ଼ିଆଳ,୨୮।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବାଦୀଗାଁରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୋମବାର ତାଲୁକସ୍ତରୀୟ ଆଇନ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛ। ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧକ୍ଷା ସୁଶ୍ରୀ ଚିନ୍ମୟୀ ଜେନାଙ୍କ ଅଧକ୍ଷତାରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରିତୀ ତ୍ରିପାଠୀ, ଜୁଡିସିଆଲ ବାର ଅଧ୍ୟକ୍ଷ ଶିବ ପ୍ରସାଦ ମେହେର, ଖଡିଆଳ ବାର ଆସୋସିଏଶନ ସଭାପତି ଦିନେଶ ତିଓାରୀ, ବରିଷ୍ଠ ଆଇନଜୀବୀ ବିରଜା ସିଂ ଦଳପତି, ଆଇନଜୀବୀ ସତ୍ୟନାରାୟଣ ଦାଶ, ଟଙ୍କଧର ପଟେଲ, ଅକ୍ଷୟ ମେହେର ଏବଂ ନରେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରଥିଲେ। ବିଶେଷ କରି ସଡକ ଦୁର୍ଘଟଣା ପ୍ରାଣହରାଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦିଗରେ ଥିବା ବିଭିନ୍ନ ନିୟମାବଳୀ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ନିର୍ବାଚିତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# କରାଟେରେ ଟିଟିଲାଗଡ଼ର ୪ବ୍ଲାକବେଲ୍ଟ

ଟିଟିଲାଗଡ଼, ୨୮।୨ (ଡି.ଏନ.ଏ)

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ଲାକବେଲ୍ଟ ପରୀକ୍ଷାରେ ଟିଟିଲାଗଡର ଖେଳାଳି କୃତିତ୍ୱ ହାସଲ କରିଛନ୍ତି। ରାଜ୍ୟରୁ ମୋଟ ୪ ଜଣ ବାଳିକା ଏବଂ ୧୦ ଜଣ ବାଳକ ଏହି ପରୀକ୍ଷାରେ ଭାଗ ନେଇଥିଲେ। ଟିଟିଲାଗଡ ଉତ୍କଳ କରାଟେ ସ୍କୁଲର ଶର୍ମିଷ୍ଠା ଜାଲ, ଶିବା ସାହୁ, ପ୍ରତାପ ସାହୁ ଏବଂ ପ୍ରିୟଂଶୁ ଫକିର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଛାତ୍ରୀଛାତ୍ରମାନେ ମୁଖ୍ୟ ପ୍ରଶିକ୍ଷକ ସନସାଇ ସୁରେଶ ଜାଲ ଏବଂ ସେନସାଇ ବ୍ୟୋମକେଶ ବେହେରାଙ୍କ ତତ୍ତ୍ୱାବଧାନରେ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ହନସି ଡ. ହରିପ୍ରସାଦ ପଟ୍ଟନାୟକ ପରୀକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ। କୃତି ଛାତ୍ରୀଛାତ୍ର ଟିଟିଲାଗଡ ଫେରିବା ସମୟରେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ପ୍ରମୋଦ ସରାଫ, ଟିଟିଲାଗଡ କରାଟେ ସ୍କୁଲ ସଭାପତି ଆଇନଜୀବୀ ମନୋଜ ହାତୀ, ଉପସଭାପତି ସତ୍ୟବ୍ରତ ପଣ୍ଡା, ଅରୁଣ ସାହୁ, ପ୍ରମୋଦ ପାଲ, ପ୍ରଶିକ୍ଷକ କୃଷ୍ଣସିଂ ପାତ୍ର, ରାହୁଲ ଜାଲ, ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲ, ମାନସି ଜାଲ, ଦେବାୟକ ବେହେରା, ମୁନା ବେହେରା, ସରୋଜ ଫକିର ପ୍ରମୁଖ ଉପସ୍ଥିତ ରହି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ,୨୮।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ମଙ୍ଗଳବାର ଦିନ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଥାନା ଅନ୍ତର୍ଗତ ବଡବାଗବର ଗ୍ରାମର ରାଜେଶ ଜେନା ଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ସଂପର୍କ ରଖିଥିଲା । ଯୁବତୀଙ୍କ ପରିବାର ଲୋକେ ଏହାକୁ ବିରୋଧ କରୁଥିଲେ । ଗତ ୨୧।୪ ।୧୯ ତାରିଖରେ ନିକଟସ୍ଥ ଗ୍ରାମ ଦେବଗଡକୁ ରାଜେଶ ଓ ତାଙ୍କର କେତେଜଣ ସାଙ୍ଗ ଯୁବତୀଙ୍କ ସମ୍ପର୍କୀୟ ଅନ୍ତର୍ଯ୍ୟାମୀ ସେଠୀଙ୍କ ସହ ମିଶି ରାମଲୀଳା ଦେଖିବାକୁ ଯାଇଥିଲେ । କିନ୍ତୁ ୨୨ ତାରିଖ ସକାଳୁ ରାଜେଶଙ୍କ ମୃତଦେହ ରାଇପୁର ନାଗବାଚ ଛକରେ ପଡିଥିଲା । ତାଙ୍କୁ କେହି ପଥର ଦ୍ୱାରା ଛେଚି ମାରିଥିବା ପରିବାର ଲୋକେ ଜାଣିବା ପରେ ୨୨।୪।୧୯ ତାରିଖରେ ରାଜେଶଙ୍କ ଭାଇ ବରୁଣ ଜେନା ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବୌଦ୍ଧ ଥାନା ପୋଲିସ କେସ ନଂ ୧୦୭ /୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଅନ୍ତର୍ଯ୍ୟାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ଏହି ମାମଲା ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (ଏସଟି ୩୪/୨୧) ରେ ବିଚାର ହୋଇଥିଲା । ସରକାରଙ୍କ ପକ୍ଷରୁ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଥିବା ନେଇ ଅଦାଲତ ଅଭିଯୁକ୍ତ ଅନ୍ତର୍ଯ୍ୟାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ଛଅ ମାସ କାରାଦଣ୍ଡ ପ୍ରଦାନ କାରାଯାଇଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ ।

# ବ୍ରାଇଟ ମାଇଣ୍ଡ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୌଦ୍ଧ,୨୮।୨( ସ୍ୱ.ପ୍ର.)

ବୌଦ୍ଧର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବ୍ରାଇଟ ମାଇଣ୍ଡ ଡାଇମେନସନ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିନୟ କୁମାର କରଡିଆଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନହଲଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଯୋଗଦେଇ ବର୍ତ୍ତମାନ ସମୟରେ ଇଂରାଜୀ ଶିକ୍ଷାର ଗୁରୁତ୍ୱ ବୃଦ୍ଧି ପାଇଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଶିକ୍ଷା ପରାମର୍ଶଦାତା ଜ୍ଞାନରଞ୍ଜନ ଶତପଥୀ ଯୋଗଦେଇ ଶିଶୁମାନଙ୍କ ଭବିଷ୍ୟତ ଗଠନ ପାଇଁ ପ୍ରାଥମିକ ଶିକ୍ଷା ସ୍ତରରୁ ହିଁ ଅଭିଭାବକମାନଙ୍କୁ ଶିଶୁ ପାଇଁ ଲକ୍ଷ୍ୟ ସ୍ଥିର କରି ତାହାର ଶିକ୍ଷା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବରେ ଶଶାଙ୍କ ଶେଖର ମିଶ୍ର ଯୋଗଦେଇ ଅଭିଭାବକମାନେ ଦୈନନ୍ଦିନ ଜୀବନରେ କିଛି ସମୟ ପରିବାର ପାଇଁ ଉପଯୋଗ କରିବାକୁ କହିଥିଲେ। ଅନ୍ୟତମ ଅତିଥି ଭାବରେ ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଓ ଶିକ୍ଷା ପରାମର୍ଶଦାତା ପବନ ରାଓ ଯୋଗ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



## ସଂକ୍ଷେପରେ

### ହିଡ଼ ତଳକୁ ବାଇକ୍ ଖସି ଶିକ୍ଷକ ମୃତ

ବଡ଼ଗାଁ,୨୮।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ଶିକ୍ଷକ ତଥା ଅଞ୍ଚଳର ଜଣାଶୁଣା ମୃଦଙ୍ଗ ବାଦକ ବେଲାଲସେନ ଭୋଇ (୪୮)ଙ୍କ ସୋମବାର ସନ୍ଧ୍ୟାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବେଲାଲସେନ କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଥିଲେ। ବିଦ୍ୟାଳୟରୁ ବାଇକ୍‌ରେ ଘରକୁ ଫେରିବା ବେଳେ ଗାଁ ନିକଟ ପୋଖରୀ ହିଡ଼ ଉପରେ ବାଇକ୍‌ଟି ନିୟନ୍ତ୍ରଣ ହରାଇ ବିଲ ପଟକୁ ଖସି ପଡ଼ିଥିଲା। ପଥରରେ ତାଙ୍କ ମୁଣ୍ଡ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଜଣାଶୁଣା ମୃଦଙ୍ଗ ବାଦକ ଥିଲେ। ତାଙ୍କ ବିୟୋଗରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

### ଯୁବକଙ୍କ ମୃତଦେହ ଜବତ

ବଡ଼ଗାଁ,୨୮।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମାରୁ ଝାରମୁଣ୍ଡା ଗାଁକୁ ଯାଇଥିବା ରାସ୍ତା ପାର୍ଶ୍ୱ ବାଲିଆଯୋର ନାଳରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ରାଜଗାଙ୍ଗପୁର କୁଣ୍ଡୁପଡାର ବିଦ୍ୟାଧର ହଂସ(୪୦)। ବିଦ୍ୟାଧରଙ୍କ ସ୍ତ୍ରୀ ମଙ୍ଗଳବାର ମୃତଦେହ ଚିହ୍ନଟ କରିଛନ୍ତି। ଯୁବକ ଜଣକ ମାନସିକ ଭିନ୍ନକ୍ଷମ ଥିଲେ ବୋଲି ଜଣାପଡିଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

ଲହୁଣୀପଡା,୨୮।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଡଲେଇସରା ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲୀ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ ନୂତନ ଗୃହ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୁଲପଦା ସରପଞ୍ଚ ସୌଭାଗ୍ୟ ନାଏକ ଅଧକ୍ଷତା କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡଲେଇସରା ସରପଞ୍ଚ ଅଷାଢୁ କୋହ୍ଲ, ମୁଖ୍ୟବକ୍ତା ଭାବେ ଶିକ୍ଷକ ନିରାକାର ଆପଟ, ସମ୍ମାନିତ ଅତିଥି ଭାବେ ବ୍ରଜମୋହନ ବାରିକ, ଜଗବନ୍ଧୁ ପଲେଇ, ପୌଲସ୍ତି ଖିଲାର ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ପ୍ରସନ୍ନ କୁମାର ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିମାନେ ବନବାସୀ ରକ୍ଷା ପରିବାର ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ନୂତନ ଗୃହ ଲୋକାର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଯୁଗଳ କିଶୋର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବନବାସୀ ରକ୍ଷା ପରିବାର ନୂଆଦିଲ୍ଲୀର ପ୍ରାୟ ୩୫ଜଣ ସଦସ୍ୟ ଯୋଗ ଦେଇଥିଲେ। ରସାନନ୍ଦ ବାରିକ, କଳାକର ବାରିକ, ଉଗ୍ରସେନ ମୁଣ୍ଡା, ପୁରେନ୍ଦ୍ର ମୁଣ୍ଡା, ନନ୍ଦିନୀ ସାମାଦ, ସନ୍ତୋସୀ କୁଅଁର, କାଞ୍ଚନ କୁମାରୀ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଖୁଟଖାଟି ବିକାଶ ମଞ୍ଚ ପକ୍ଷରୁ ଆନ୍ଦୋଳନ

କୁତ୍ରା,୨୮।୨(ଡି.ଏନ.ଏ.)


ଆନ୍ଦୋଳନରତ ଖୁଟଖାଟି ବିକାଶ ମଞ୍ଚର ସଦସ୍ୟମାନେ।

୪ ଦଫା ଦାବି ନେଇ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣାସ୍ଥିତ ଜେଏସଡବ୍ଲୁ ଶିବା ସିମେଣ୍ଟ କାରଖାନା ବିରୋଧରେ ଖୁଟଖାଟି ବିକାଶ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଛି। ମଙ୍ଗଳବାର ସକାଳ ୭ଟାରୁ ବିକାଶ ମଞ୍ଚ ପକ୍ଷରୁ କାରଖାନାରୁ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଥିବା ରାସ୍ତାରେ ଅର୍ଥନୈତିକ ଅବରୋଧ କରାଯାଇଛି। ସନ୍ଧ୍ୟାରେ ସୁନ୍ଦରଗଡ ଉପଜିଲାପାଳ ଦାଶରଥୀ ସରାବୁ ଘଟଣାସ୍ଥଳକୁ ଆସି ବିକାଶ ମଞ୍ଚ ସଦସ୍ୟ, ଜେଏସଡବ୍ଲୁ କର୍ମକର୍ତ୍ତା, ପୋଲିସ ପ୍ରଶାସନ ସହ ଆଲୋଚନା ଚଳାଇଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ। ଶିବା ସିମେଣ୍ଟ କାରଖାନା ଜେଏସଡବ୍ଲୁ ଅଧୀନକୁ ଯିବା ପରେ ଏହାର ସଂପ୍ରସାରଣ କାର୍ଯ୍ୟ ଆରମ୍ଭ କରିଥିଲା। ବର୍ତ୍ତମାନ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇ ଉତ୍ପାଦନ ମଧ୍ୟ ହେଲାଣି। କିନ୍ତୁ ପ୍ରଥମରୁ ଏହି କମ୍ପାନୀ ଅଞ୍ଚଳର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରି ସମୟ ଗଡାଇ ଚାଲିଛି। ନିରୀହ ଆଦିବାସୀମାନଙ୍କଠାରୁ ପ୍ରଶାସନ ସହଯୋଗରେ ଜମି ନେଇ ଲୋକଙ୍କୁ ଚାକିରି ଦେବ କହି ଭୂଆଁ ବୁଲାଉଥିବା ଖୁଟଖାଟି ବିକାଶ ମଞ୍ଚ ଅଭିଯୋଗ କରିଛି।

ଏହାର ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅର୍ଥନୈତିକ ଅବରୋଧ କରାଯାଇଛି। ଯେ ପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ ଦାବି ପୂରଣ ନ କରିଛି ଆନ୍ଦୋଳନ ଚାଲୁ ରହିବ ବୋଲି ବିକାଶ ମଞ୍ଚ ଚେତାବନୀ ଦେଇଛି। ଦାବିଗୁଡ଼ିକ ମଧ୍ୟରେ କୁତ୍ରା ବ୍ଲକବାସୀଙ୍କୁ ୮୦ ପ୍ରତିଶତ ନିଯୁକ୍ତି ଦିଆଯିବା, ସ୍ଥାନୀୟ ଭେଣ୍ଡର ଓ କଣ୍ଟ୍ରାକ୍ଟରଙ୍କୁ ଥଇଥାନ କରିବା, ଖତକୁରବାହାଲରୁ କୁତ୍ରା ଦେଇ ରାଜ୍ୟ ରାଜପଥ ୧୦କୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାରେ କମ୍ପାନୀର ପରିବହନ କାର୍ଯ୍ୟ ବନ୍ଦ କରିବା, ତେଲିଘଣା ଗ୍ରାମର ଯେଉଁ ଚାଷୀମାନଙ୍କ ଜମି ଉପରେ ବେଆଇନ ଭାବେ ବିଦ୍ୟୁତ ଖୁଣ୍ଟ ପୋତାଯାଇଛି ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବା ରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ସ୍ଥିତି ଆହୁରି ଭୟଙ୍କର ହେବ ବୋଲି ବିକାଶ ମଞ୍ଚ ଚେତାଇ ଦେଇଛି।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ


ପ୍ରଦର୍ଶନୀ ଅବସରରେ କୃତୀ ଛାତ୍ରୀଛାତ୍ର।

କୁତ୍ରା,୨୮।୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ପରିବେଶ ମନ୍ତ୍ରଣାଳୟର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାରଙ୍କ ତରଫରୁ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି।ଏଥିରେ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ବିଇଓ ଗୁରୁଚରଣ ସାହୁ, ଡା. ସରୋଜିନୀ ସାହୁ ଉପସ୍ଥିତ ଥିଲେ। ଏଥିରେ ସୁନ୍ଦରଗଡ ଜିଲାର ୫୦ଟି ବିଦ୍ୟାଳୟର ୫୦ ଗୋଟି ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିଲେ। ଏଥିରେ ଆରଡିଡି ଉଚ୍ଚ ବିଦ୍ୟାଳୟ ବଣାଁଇଗଡ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦିତନଗର ଦ୍ୱିତୀୟ ଓ କେସିପି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗିରିଙ୍ଗକେଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିଭଳି ପୁରସ୍କାର ବିତରଣୀ ଉତ୍ସବରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ସୁଧାଂଶୁ ଚୌଧୁରୀ, ଶତୃଘ୍ନ ମିଶ୍ର, ଅପର୍ଣ୍ଣା ସାହୁ, ଚନ୍ଦନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଓ ପରିବେଶ ଗବେଷଣା କେନ୍ଦ୍ର ଜିଲା ସଂଯୋଜକ ବିଭୀଷଣ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୀପିକା କେର୍କେଟା, ଧୃତିସୁନ୍ଦର ସାହୁ, ଜସ୍ମିନ ମିଞ୍ଜ, ଅବିନାଶ କର ପ୍ରମୁଖ ସହଯୋଗ କରିଥିଲେ।

# ମିଶନ ଶକ୍ତି କର୍ମଚାରୀଙ୍କୁ ସ୍ଥାୟୀ କରିବା ଦାବିରେ ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

ସୁନ୍ଦରଗଡ,୨୮।୨(ଡି.ଏନ.ଏ.)

ମିଶନ ଶକ୍ତି କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ଓ ଦରମା ବୃଦ୍ଧି ଦାବିରେ ମଙ୍ଗଳବାର ଆମ ଆଦମୀ ପାର୍ଟି ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଜିଲା ଶାଖା ଆବାହକ ବିନୟ ତିୱାରୀଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟିର କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଏହାପରେ ଏହିଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଭିମନ୍ୟୁ କୁମାରଙ୍କୁ ପ୍ରଦାନ କରିଥିଲେ।

# ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ,୨୮।୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ମଙ୍ଗଳବାର ଦିନ ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଭ୍ରମର କୁଅଁରଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି।

ସୁନ୍ଦରଗଡ ଜିଲା ହେମଗିରି ଥାନା ଅନ୍ତର୍ଗତ କୁଅଁରକେଲା ଗ୍ରାମରେ ୨୦୧୮ ମସିହାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣାରେ ଅଭିଯୁକ୍ତ ଭ୍ରମର ଅଭିଯୋଗକାରୀଙ୍କ ବଡ ଭାଇ ତେଜ କୁଅଁରଙ୍କୁ ଏକ ଫାଉଡା ଦ୍ୱାରା ହତ୍ୟା କରିଥିଲେ। ଘଟଣା ଦିନ ଅଭିଯୋଗକାରୀ କୁଚିଆ କୁଅଁରଙ୍କ ଘର ଆଗରେ କୌଣସି କାରଣରୁ ଅଭିଯୁକ୍ତ ଖରାପ ଭାଷାରେ ଗାଳି କରୁଥିଲେ। ଏହି ସମୟରେ ଅଭିଯୋଗକାରୀ ତାଙ୍କୁ ବିରୋଧ କରିବାରୁ ସେ ଉତ୍ତ୍ୟକ୍ତ ହୋଇ ଏକ ଫାଉଡା ଧରି ମାରିବାକୁ ଉଦ୍ୟମ କରିଥିଲେ। କିନ୍ତୁ କୁଚିଆ ଘରେ ଲୁଚି ଯାଇଥିଲେ। ଏହି ସମୟରେ ତେଜ କୁଅଁର ସେହି ବାଟ ଦେଇ ଯାଉଥିଲେ। ଅଭିଯୁକ୍ତ ତାଙ୍କୁ ଡାକି ନେଇ ତାଙ୍କ ମୁଣ୍ଡକୁ ଫାଉଡାରେ ଆକ୍ରମଣ କରିଥିଲେ। ଫଳରେ ତେଜ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭିଯୋଗକାରୀ ହେମଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା। ୨୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଭିତ୍ତିରେ ଦୌରା ଜଜ୍ ପଟ୍ଟନାୟକ ଦଫା ୩୦୪(୧) ଅନୁଯାୟୀ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରଛନ୍ତି। ସରକାରଙ୍କ ତରଫରୁ ସରକାରୀ ଓକିଲ ଅବଦୁଲ ସମିମ ଅଖତର ମାମଲା ପରିଚାଳନା କରୁଥିଲେ।

# ଅଭିନବ ଉପାୟରେ ଲୁଟ୍

ସୁନ୍ଦରଗଡ଼,୨୮।୨(ଡି.ଏନ.ଏ.)

ମଙ୍ଗଳବାର ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ସୁନ୍ଦରଗଡ଼ ଜେଲ ରୋଡ଼ ନିକଟରୁ ଦୁର୍ବୃତ୍ତମାନେ ଅଭିନବ ଉପାୟରେ ଜଣେ ମହିଳାଙ୍କ ଠାରୁ ଏକ ସୁନାଚେନ ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ସୂଚନାଯୋଗ୍ୟ, ଟାଉନ ଥାନା ଅନ୍ତର୍ଗତ ଜେଲ ରୋଡ଼ ନିକଟ ମହାନ୍ତିପଡାର ବିନୋଦିନୀ ନାୟକ ନାମକ ଜଣେ ମହିଳା ଚାଲି ଚାଲି ଆସୁଥିଲା ବେଳେ ଦୁଇ ଜଣ ଯୁବକ ଆସି ନିଜକୁ ପୋଲିସର ପରିଚୟ ଦେଇ ଆପଣଙ୍କ ସୁନା ଚେନ ଦେଖା ଯାଉଛି, ଏହାକୁ ଖୋଲି ବ୍ୟାଗରେ ରଖନ୍ତୁ କହିଥିଲେ। ମହିଳା ଜଣକ ଏହା କରିବା ପରେ କିଛି ସମୟ ଭିତରେ ଯୁବକ ଦୁଇ ଜଣ ଆପଣଙ୍କ ଭ୍ୟାନିଟି ବ୍ୟାଗ ଖୋଲା ଅଛି କହି ପୂର୍ବରୁ କାଗଜରେ ଗୁଡା ଯାଇଥିବା ଏକ ନକଲି ଚେନକୁ ରଖି ସୁନା ଚେନ କୁ ନେଇ ପଳାଇ ଯାଇଥିଲେ। ମହିଳାଙ୍କ ସନ୍ଦେହ ହେବାରୁ ସେ ବ୍ୟାଗ ଖୋଲି ଠକାମୀର ଶିକାର ହୋଇଥିବା ଜାଣିବା ପରେ ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତଦନ୍ତ ଚଳାଇଛି।

# ସୁନ୍ଦରଗଡ଼ ଜିଲା ଆଥ୍‌ଲେଟିକ ମିଟ୍ ଉଦ୍‌ଘାଟିତ

ସୁନ୍ଦରଗଡ,୨୮।୨(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଭବାନୀପୁର ଖେଳପଡିଆଠାରେ ମଙ୍ଗଳବାର ଜିଲା ଆଥଲେଟିକ ମିଟ -୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଓ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଅଭିଜିତ ମହନ୍ତ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ପ୍ରଭାତ କୁମାର ଭୋଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶାରୀରିକ ଶିକ୍ଷକ ଆଶିଷ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଆଥଲଟିକ ସମ୍ପାଦକ ଅଜୟ ବହିଦାର ଧନ୍ୟବାଦ ପ୍ରଦାନ କରିଥିଲେ। ସଂସଦର ଉପସଭାପତି ମେରୀ ଜନ ବାଗେ, ବିମଳ ବୋଷ, ଯୁଗ୍ମ ସମ୍ପାଦକ ଜୟଦେବ ପାତ୍ର ମଞ୍ଚାସୀନ ଥିଲେ। ଉଦ୍‌ଘାଟନ ପୂର୍ବରୁ ସ୍ଥାନୀୟ ବନଦୁର୍ଗା ମନ୍ଦିରଠାରୁ ଖେଳାଳିମାନଙ୍କ ଦ୍ୱାରା ମଶାଲ ଅଣାଯାଇଥିଲା। ଜିଲାର ୧୭ ଟି ବ୍ଲକରୁ ୨୫୦ ବାଳିକା ଓ ୨୦୦ ବାଳକ ଅଂଶଗ୍ରହଣ କରିଥିଲେ। ଏହାକୁ ୫୦ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଓ କୋଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଭବାନୀ ଶଙ୍କର ହାଇସ୍କୁଲ ଛାତ୍ରଙ୍କ ବ୍ୟାଣ୍ଡ ପାର୍ଟିର ତାଳେ ତାଳେ ସମସ୍ତ ଖେଳାଳି ମାର୍ଚ୍ଚ ଫାଷ୍ଟ କରିଥିଲେ। ପ୍ରଥମ ଦିନ ଅନୁଷ୍ଠିତ ୧୦,୦୦୦ମିଟର ଦୌଡରେ ଆନସେଲେନ ଲୁଗୁନ ପ୍ରଥମ, ଲଳୀନ୍ଦ୍ର ବୁଡା ୨ୟ, ଦୈତାରୀ କିଷାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଗୋଲାଫିଙ୍ଗାରେ ଆନନ୍ଦ ଲାକ୍ରା ପ୍ରଥମ, ରାଜା ସାହୁ ଦ୍ୱିତୀୟ, ରାହୁଲ ନାୟକ ୩ୟ, ୮୦୦ ମିଟର ବାଳିକା ଦୌଡରେ ସଞ୍ଜନା ମିଞ୍ଜ ୧ମ, ଲକ୍ଷ୍ମୀ ଲାକ୍ରା ୨ୟ, ଅମିଶା ହାପଦା ୩ୟ, ଡିସକସ ଥ୍ରୋରେ ଅମିଶା ମାନ୍ନା ୧ମ, ମୋନାଲିସା ଏକ୍କା ୨ୟ, କିଶୋରୀ ଜୟ ପୁରିଆ ୩ୟ ସ୍ଥାନ ଅଧିକାର କରିଛନ୍ତି।

# ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ବେଲପାହାଡ,୨୮।୨(ଡି.ଏନ.ଏ.)

ବେଲପାହାଡ଼ ରିଫ୍ରାକ୍ଟରିଜ ହାଇସ୍କୁଲରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ତଥା ୟଙ୍ଗ ଓଡ଼ିଶା ଗ୍ଲୋବାଲ ଏକାଡେମୀ ଅଧକ୍ଷ ଦେବାର୍ଚ୍ଚନ ସରାପ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ର ଛୋଟ ଛୋଟ ଗବେଷଣା କରିବାକୁ ଆହ୍ୱାନ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଗିରିଶ ଚନ୍ଦ୍ର ତ୍ରିପାଠୀ ବୈଜ୍ଞାନିକ ସି ଭି ରମଣଙ୍କ ଜୀବନୀ ଓ ସଫଳତା ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରଙ୍କୁ ନେଇ ବିଜ୍ଞାନ ପ୍ରଶ୍ନମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କବିତା ରାୟ ସଞ୍ଚାଳନ କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ କୁସୁମାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

# ଗୋବିନ୍ଦତୋଲା ପରିବା ବଜାର ପରିସୀମା ବୃଦ୍ଧି ଦାବି

ସମ୍ବଲପୁର,୨୮।୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ଗୋବିନ୍ଦତୋଲା ପରିବାର ବଜାରର ପରିସୀମା ବୃଦ୍ଧି କରିବାକୁ ଦାବି ହୋଇଛି। ଦାବି ଅନୁସାରେ ଗୋବିନ୍ଦତୋଲା ବ୍ରିଜ ପ୍ରାୟ ୫ବର୍ଷ ହେଲା ନିର୍ମିତ ହୋଇଛି। ଉକ୍ତ ବ୍ରିଜରେ ଯାନବାହନ ଚଳାଚଳ ନ ହୋଇ ଉପରେ ପରିବା ବଜାର ଦୀର୍ଘଦିନ ହେଲା ବସୁଛି। ଅଭିଯୋଗ ପରେ ବ୍ରିଜ ଉପରୁ ପରିବା ବଜାର ପୌର ପ୍ରଶାସନ ଦ୍ୱାରା ସ୍ଥାନାନ୍ତର ହୋଇପାରିଛି। କରୋନା ସମୟରେ ରାସ୍ତା କଡ଼ ପରିବା ବିକ୍ରେତାଙ୍କ ସଂଖ୍ୟା ବଢିଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ଲାଗିରହିଛି। ପରିବା ବିକାଳି ରାସ୍ତକଡରେ ପସରା ମେଲି ବସୁଛନ୍ତି। ପରିବା ବଜାର ଆଖପାଖରେ ବହୁ ସରକାରୀ ଜମି ରହିଛି। ସେଥିମଧ୍ୟରୁ ବହୁତ ଜମି ଲୋକଙ୍କ ଦଖଲରେ ରହିଛି। ଉକ୍ତ ଜମିରୁ ମହାନଗର ନିଗମ କର୍ତ୍ତୃପକ୍ଷ ତଥା ଜିଲା ପ୍ରଶାସନ ଜବରଦଖଲ ଉଚ୍ଛେଦ କରି ପରିବା ବିକାଳୀଙ୍କ ପାଇଁ ପିଣ୍ଡି ନିର୍ମାଣ କରିବାକୁ ଭାଜପା ନେତା ସୂର୍ଯ୍ୟ ପାଣିଗ୍ରାହୀ ଦାବି କରିଛନ୍ତି।


ଏସ୍‌ଏମ୍‌ସି ଗୋବିନ୍ଦତୋଲା ବଜାର।

# କୋଶଳ ସମାଜର ପଞ୍ଚାୟତସ୍ତରୀୟ ସମ୍ମିଳନୀ

ବଡ଼ଗାଁ,୨୮।୨(ଡି.ଏନ.ଏ.)



କୋଶଳ ସମାଜର କର୍ମକର୍ତ୍ତା ଓ ସମର୍ଥକମାନେ ଶୋଭାଯାତ୍ରାରେ ପଞ୍ଚାୟତ ଅଫିସକୁ ଯାଉଛନ୍ତି।

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିମନା ପଞ୍ଚାୟତର ବିରିମୁଣ୍ଡା ଗ୍ରାମରେ କୋଶଳ ସମାଜ ପକ୍ଷରୁ ପଞ୍ଚାୟତସ୍ତରୀୟ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟିମନା ପଞ୍ଚାୟତର କୋଶଳ ସମାଜ କର୍ମକର୍ତ୍ତା ଲିନା ଏକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ସମାଜର ମହାସଚିବ ଦିଲିପ ପଣ୍ଡା ମୁଖ୍ୟଅତିଥି, ବଡ଼ଗାଁ ବ୍ଲକ ସଚିବ ଅଜିତ ରାଉତରାୟ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବଡ଼ଗାଁ ବ୍ଲକ କୋଶଳ ସମାଜର ମହିଳା ସଚିବ ଦୀପ୍ତି ରାଣୀ ରାଉତରାୟ ଯୋଗ ଦେଇଥିଲେ। ଲିଲିମା ମିଞ୍ଜ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀରେ ମୁଖ୍ୟଅତିଥି ପଣ୍ଡା କହିଥିଲେ, ଖଣିଜ ସମ୍ପଦରେ ଭରପୁର କୋଶଳ ଅଞ୍ଚଳରୁ ୮୦ ପ୍ରତିଶତ ରାଜସ୍ୱ ସଂଗ୍ରହ ହେଉଥିଲେ ମଧ୍ୟ କୋଶଳ ଅଞ୍ଚଳବାସୀ ବେରୋଜଗାରୀ। କୋଇଲା ଖଣି ଥାଇ ସୁଦ୍ଧା ଲୋକେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ତେଣୁ ସମସ୍ତେ ଏକଜୁଟ ହୋଇ ଶୋଷଣ ମୁକ୍ତ , ଦୁର୍ନୀତି ମୁକ୍ତ, ବେରୋଜଗାର ମୁକ୍ତ ଓ ମଦ ମୁକ୍ତ ସମାଜ ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମିଳନୀ ଶେଷ ହେବା ପରେ କୋଶଳ ସମାଜର କର୍ମକର୍ତ୍ତା ଓ ସମର୍ଥକ ମାନେ ବିଭିନ୍ନ ନାରା ଦେଇ ଶୋଭାଯାତ୍ରାରେ ଟିମନା ପଞ୍ଚାୟତର ବିରିମୁଣ୍ଡା, ଗୁଠିଆ ପଡା ଓ ଭାଲୁମୁଣ୍ଡା ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରାକାରୀମାନେ ଟିମନା ପଞ୍ଚାୟତ କାର୍ଯ୍ୟାଳୟକୁ ଗଲା ବେଳେ ରାସ୍ତା ପାର୍ଶ୍ୱରେ ବିହାର ରାଜ୍ୟରୁ ଆସି ତାଡି ଭାଟି ଦେଇଥିବା ବ୍ୟକ୍ତିଙ୍କୁ ଶୋଭାଯାତ୍ରାରେ ସାମିଲ ଥିବା ମହିଳାମାନେ କାହା ଅନୁମତିରେ ଭାଟି ଖୋଲିଛ ପଚାରିବାରୁ ସେ ପ୍ରଥମେ ପୋଲିସ ଓ ଅବକାରୀ କର୍ମଚାରୀଙ୍କୁ କହି ଖୋଲିଥିବା କହିଥିଲେ। ଏହାର କିଛି ସମୟ ପରେ ଗ୍ରାମବାସୀଙ୍କ ଅନୁମତି ନେଇ କରିଥିବା କହିବାରୁ ମହିଳାମାନେ ତାଡି ଭାଟିରେ ରଖାଯାଇଥିବା ଦୁଇ ଜାରକିନ ତାଡି ମଦ ରାସ୍ତାରେ ଢାଳି ଦେଇଥିଲେ। ଏହାପରେ ଶୋଭାଯାତ୍ରାକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ସେଠାରେ ସରପଞ୍ଚ ସୁରତି ବାଡ଼ାଙ୍କୁ ଦାବିପତ୍ର ଦେଇଥିଲେ। ପଞ୍ଚାୟତ ଅଞ୍ଚଳରେ ଚାଲିଥିବା ମଦ ବିକ୍ରି ବନ୍ଦ କରିବା, ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଦେବା, ବିଧବା, ବୃଦ୍ଧା ବୃଦ୍ଧଙ୍କୁ ତିନି ହଜାର ଟଙ୍କା ଭତ୍ତା ଦିଆଯିବା, ଜଙ୍ଗଲ କଟା ବନ୍ଦ କରିବା, ପଞ୍ଚାୟତର ସବୁ ଗାଁରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯକ୍ରମରେ ଗୀତାଞ୍ଜଳିବାଡ଼ା, କୁନ୍ତୀପ୍ରଧାନ, ପାଉଲିନା ଏକା, ଅନିତା ଏକା, ଲଳିତା ଏକା, ସୀମା ଲାକ୍ରା, ରିନା ବାଡ଼ା, ସୁମନ୍ତି ସିଂ, ଦୁଲାରୀ ବିଲୁଙ୍ଗ, ସୁଶିଲା ଲାକ୍ରା , ଗୋବିନ୍ଦ ପ୍ରଧାନ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ବାରଣ୍ଡାରେ ରୋଗୀସେବା

**ବଲାଙ୍ଗୀର ଅଫିସ, ୨୮।୨**



ଆନ୍ତର୍ଜାତିକ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀଙ୍କୁ ମେଡିକାଲ କଲେଜ ହସ୍ପିଟାଲ ବାରଣ୍ଡାରେ ଚିକିତ୍ସା କରାଯାଉଛି।

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**

- ତଳେ ଶୋଇ ଚିକିତ୍ସିତ ହେଲେ ଆନ୍ତର୍ଜାତିକ ମହିଳା କ୍ରୀଡାବିତ୍
- ଧରିତ୍ରୀ ୱେବ୍‌ପୋର୍ଟାଲ ଖବର ପରେ ଆଇସିୟୁରେ ଭର୍ତ୍ତି ହେଲେ ଆନନ୍ଦିନୀ ଦର୍ଜୀ

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାସେବା ବିପର୍ଯ୍ୟସ୍ତ ହୋଇପଡିଛି। ୨୦୧୮ ମସିହାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉନ୍ନୀତ କରାଯାଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଘୋଷଣା କରାଯାଇଥିଲା। ଇତିମଧ୍ୟରେ ଏହି ମେଡିକାଲ କଲେଜ ହସ୍ପିଟାଲ ଘୋଷଣାକୁ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଚିକିତ୍ସାସେବା ମିଳିବା ତ ଦୂରେ ଥାଏ ଶଯ୍ୟା ମିଳିବା କଷ୍ଟକର ହୋଇପଡିଛି। ମଙ୍ଗଳବାର ଆନ୍ତର୍ଜାତିକ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ(୬୮) ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହେଲେ ତାଙ୍କୁ ହସ୍ପିଟାଲ ପ୍ରଶାସନ ଯେଭଳି ଭାବେ ଅବହେଳା ପ୍ରଦର୍ଶନ କଲେ ତାକୁ ନେଇ ହସ୍ପିଟାଲର ଚିକିତ୍ସା ଦୁରାବସ୍ଥା ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରତିଦିନ ଭଳି ଭୋର ୪ଟାରୁ କ୍ରୀଡାବିତ୍ ଦର୍ଜୀ ମର୍ନିଂୱାକ୍‌ରେ ବାହାରିଥିଲେ। ତେବେ ତାଙ୍କ ଘର ନିକଟରେ ସେ ହଠାତ୍ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ବିଶେଷ ଗୁରୁତ୍ୱ ପ୍ରଦାନ ନକରି ସାଧାରଣ ଚିକିତ୍ସା କରି ତାଙ୍କୁ ଘରକୁ ଫେରାଇ ଦେଇଥିଲେ। ସକାଳ ପ୍ରାୟ ୭ଟାରେ ପୁଣି ଥରେ ଦର୍ଜୀଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇପଡିଥିଲା। ପରିବାର ଲୋକେ ଆମ୍ବୁଲାନ୍ସ ଡାକି ତାଙ୍କୁ ପୁଣି ଥରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲେ। ଏହାପରେ ଡାକ୍ତର ତାଙ୍କୁ ମହିଳା ମେଡିସିନ୍ ୱାର୍ଡକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ସେଠାରେ ଶଯ୍ୟା ନଥିବାରୁ ବାରଣ୍ଡାରେ ଦର୍ଜୀଙ୍କୁ ଶୁଆଇ ଦିଆଯାଇଥିଲା। ଦର୍ଜୀଙ୍କ ଅବସ୍ଥା ଗୁରୁତର ଥିବା ସତ୍ତ୍ୱେ ତାଙ୍କୁ ଆଇସିୟୁକୁ ନିଆଯାଇ ନ ଥିଲା ଏବଂ ବାରଣ୍ଡାରେ ସାଲାଇନ୍ ଲଗାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବରିଷ୍ଠ ମହିଳା କ୍ରୀଡାବିତ୍ ଦର୍ଜୀଙ୍କୁ ହସ୍ପିଟାଲ ବାରଣ୍ଡାରେ ରଖି ଚିକିତ୍ସା କରାଯାଉଥିବାର ଫଟୋ ଏବଂ ଖବର ପ୍ରଥମେ ଧରିତ୍ରୀ ୱେବ୍ ପୋର୍ଟାଲରେ ପ୍ରକାଶ ପାଇବା ପରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଦୃଷ୍ଟିକୁ ଆସିଥିଲା ଓ ସେ ହସ୍ତକ୍ଷେପ କରିଥିଲେ। ଏହି ଖବର ଭାଇରାଲ ହେବା ପରେ କ୍ରୀଡାପ୍ରେମୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜିଲାପାଳ ରାଣାଙ୍କ ହସ୍ତକ୍ଷେପ ପରେ ମେଡିକାଲ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା ଏବଂ ହସ୍ପିଟାଲ ଟିମ୍ ତୁରନ୍ତ ମହିଳା ମେଡିସିନ୍ ୱାର୍ଡକୁ ଯାଇ ଘଟଣାର ତଦାରଖ କରିଥିଲେ। ପରେ ତାଙ୍କୁ ଆଇସିୟୁ ନିଆଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଆଇସିୟୁରେ ଭର୍ତ୍ତି କରିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଠାରେ ରୋଗୀଙ୍କୁ ନେଇ ବାଛବିଚାର କରାଯାଉଥିବା ଏବଂ ରୋଗୀଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଗାଁ ଗହଳ ରୋଗୀଙ୍କୁ ଏଠାରେ ଚିକିତ୍ସା ସେବା ନାଁରେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଆସୁଛି। ସାଧାରଣ ରୋଗୀଙ୍କୁ ମଧ୍ୟ ବୁର୍ଲା ସ୍ଥାନାନ୍ତରଣ ଏକ ସାଧାରଣ କଥା ପାଲଟିଯାଇଛି। ମେଡିକାଲ କଲେଜ ହସ୍ପିଟାଲ ଘୋଷଣା କରାଯାଇଥିଲେ ମଧ୍ୟ ରୋଗୀସେବାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଏନେଇ ହସ୍ପିଟାଲ ଅଧୀକ୍ଷକ ଡା ମାନସୀ ପଣ୍ଡାଙ୍କୁ ପଚାରିବାରୁ ହସ୍ପିଟାଲରେ ଅଧିକ ସଂଖ୍ୟକ ରୋଗୀ ରହିବା ମୁଖ୍ୟ ସମସ୍ୟା ବୋଲି କହିଛନ୍ତି। ଏବେ ଦର୍ଜୀଙ୍କ ଚିକିତ୍ସା ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି।

## ମିଳିଲାନି ଷ୍ଟ୍ରେଚର, କନ୍ଥାରେ ବୁହାହେଲେ ରୋଗୀ



ଜଣେ ମହିଳା ରୋଗୀଙ୍କୁ ଷ୍ଟ୍ରେଚର ନ ମିଳିବାରୁ ପରିଜନମାନେ କନ୍ଥାରେ ବୋହି ନେଉଛନ୍ତି।

ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ସାଧାରଣ ଉପକରଣ ମଧ୍ୟ ଯୋଗାଇ ପାରୁନାହାନ୍ତି। ମଙ୍ଗଳବାର ଜଣେ ଗୁରୁତର ମହିଳା ରୋଗୀ ହସ୍ପିଟାଲ ପହଞ୍ଚିବା ପରେ ଷ୍ଟ୍ରେଚର ନଥିବାରୁ ପରିବାର ଲୋକେ ତାଙ୍କୁ ଘରୁ ଆଣିଥିବା କନ୍ଥାରେ ଦୟନୀୟ ଭାବେ ଉପର ମହଲାରେ ଥିବା ମହିଳା ମେଡିସିନ୍ ୱାର୍ଡକୁ ନେଉଥିବା ଦେଖାଯାଇଥିଲା। ଆଶୁ ଆରୋଗ୍ୟ କକ୍ଷରୁ ବିନା ଷ୍ଟ୍ରେଚରରେ ରୋଗୀ ପରିଜନମାନେ ଗୁରୁତର ରୋଗୀଙ୍କୁ ବହୁ କଷ୍ଟରେ ଟେକି ନେଉଥିବା ଦୃଶ୍ୟ ହସ୍ପିଟାଲର ଚରମ ଦୁର୍ଦ୍ଦଶା ବଖାଣୁଥିଲା। ହସ୍ପିଟାଲର ବିଭିନ୍ନ ସ୍ଥାନରେ ରାଜ୍ୟ ସରକାରଙ୍କ ୫-ଟି ବୋର୍ଡ ଲଗାଯାଇ ପ୍ରଚାର କରୁଥିଲେ ମଧ୍ୟ ବାସ୍ତବତା ପୂରା ଓଲଟା ହୋଇପଡିଛି।

## ସଂକ୍ଷେପରେ

### ଉପଖଣ୍ଡ ଡାକ୍ତରଖାନାରେ ନାହାନ୍ତି ଆବଶ୍ୟକ ଡାକ୍ତର

**ଟିଟିଲାଗଡ,୨୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଜିଲାର ଅନ୍ୟତମ ପୁରାତନ ଚିକିତ୍ସାଳୟ। ଏହି ଡାକ୍ତରଖାନା ଉପରେ ଆଖାପାଖ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ହେଲେ ଏଠାରେ ଆବଶ୍ୟକ ଡ଼ାକ୍ତର ନ ଥିବାରୁ ରୋଗୀ ସେବା ବ୍ୟାହତ ହେଉଛି। ଏହାକୁ ନେଇ ସ୍ଥାନୀୟ ଆଦିବାସୀ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ସଂଘ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା ଓ ସହ ସମ୍ପାଦକ ସୁନିଲ ମାଝି ଏ ନେଇ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଟିଟିଲାଗଡ ଡାକ୍ତରଖାନାରେ ୧୮ଜଣ ଡାକ୍ତର ପଦବୀ ଥିବାବେଳେ ସରକାରୀଭାବେ ୧୦ଜଣ କାର୍ଯ୍ୟରତ ଥିବା ଉଲ୍ଲେଖ କରାଯାଇଛି। ସେଥିରୁ କେତେକ ଡ଼ାକ୍ତର ଉଚ୍ଚଶିକ୍ଷା ପାଇଁ ଅନ୍ୟତ୍ର ଯାଇଛନ୍ତି। ଏଣୁ ବସ୍ତୁତଃ ୫ଜଣ ଡାକ୍ତରରେ ଚାଲିଛଇ ରୋଗୀସେବା। ଏତେ ସଂଖ୍ୟକ ରୋଗୀଙ୍କ ପାଇଁ ମାତ୍ର ୫ଜଣ ଡାକ୍ତର କାର୍ଯ୍ୟ କରୁଥିବାରୁ ସେମାନଙ୍କ ଉପରେ ଅଧିକ ଚାପ ପଡୁଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସଭା ସାଂସଦ ବିଶିଙ୍କ ନିକଟରେ ଆଦିବାସୀ ସଂଘ ଦାବି କରିଛି।

### ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ

**ଖପ୍ରାଖୋଲ,୨୮।୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ସର୍ବୋଦୟ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରାଧାକାନ୍ତ ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଲୁହାସିଂହା ସରପଞ୍ଚ ସିମାଞ୍ଚଳ ପୁରୋହିତ, ସମ୍ମାନୀତ ଅତିଥି ଜିଲା ବିଜ୍ଞାନ ନିରୀକ୍ଷକ ରାଜେଶ କୁମାର ମିଶ୍ର, ଛତାମଖନା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନୀଳମଣି ପଟେଲ, କନ୍ଧକେଲ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଗୋପାଲ ଖମାରୀ ଶର୍ମା, ଗାଇବାହାଳ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନୀଲ କୁମାର ବେହେରା ଯୋଗ ଦେଇଥିଲେ। ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା ସହ ବିଜ୍ଞାନଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଅନିଲ କୁମାର ନନ୍ଦ, ଶିବପ୍ରସାଦ ତ୍ରିପାଠୀ, ବିଶ୍ୱଜିତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ କିଶୋର ପାତ୍ର ମଞ୍ଚ ପରିଚାଳନା କରିଥିଲେ।

### ଟ୍ୟାପରୁ ବୋହି ଯାଉଛି, ଯାତ୍ରୀଙ୍କୁ ମିଳୁନି ପାଣି

**ହରିଶଙ୍କର ରୋଡ ରେଳଷ୍ଟେଶନ**

**ଲାଠୋର,୨୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳଷ୍ଟେଶନରେ ପାନୀୟ ଜଳ ପାଇଁ ଯାତ୍ରୀ ଓ ସମ୍ପର୍କୀୟ ଅସୁବିଧା ଭୋଗୁଛନ୍ତି। ଷ୍ଟେଶନରେ ପାନୀୟ ଜଳର ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ପ୍ଲାଟ ଫର୍ମ ନଂ ୧ ରେ ୩ଟି ଟ୍ୟାପୱାଲ ଏବଂ ପ୍ଲାଟ ଫର୍ମ ନଂ ୨ ରେ ୪ଟି ଟ୍ୟାପୱାଲ ରହିଛି। ତେବେ ଟ୍ୟାପଗୁଡ଼ିକରୁ ପାଣି ଜଳ ଆପେଆପେ ବୋହି ଯାଉଥିବା ଯୋଗୁଁ ଷ୍ଟେଶନକୁ ଆସୁଥିବା ଯାତ୍ରୀ ପାନୀୟ ଜଳ ପାଇ ପାରୁନାହାନ୍ତି। ଷ୍ଟେଶନରେ ରହିଥିବା ସିନଟେକ୍ସରୁ ସେହି ସବୁ ଟ୍ୟାପକୁ ପାଇପ ସଂଯୋଗ କରି ଜଳ ଯୋଗାଣ କରାଯାଉଛି। ହେଲେ କେତେକ ଜାଗାରେ ପାଇପ ଲିକ୍ ରହିଥିବା ବେଳେ ଟ୍ୟାପୱାଲର କେତେକ ଟ୍ୟାପ ମଧ୍ୟ ଖୋଲା ରହିଛି। ଫଳରେ ସିନଟେକ୍ସରୁ ପାଣି ଚାଲୁ କଲେ ପାଇପ ଏବଂ ଟ୍ୟାପରୁ ପାଣି ଆପେ ବୋହି ଯାଉଛି ଏବଂ ସିନଟେକ୍ସ ଖାଲି ହୋଇଯାଉଛି। ଫଳରେ ଯାତ୍ରୀମାନେ ବାଧ ହୋଇ ବୋତଲ ପାଣି କିଣି ବ୍ୟବହାର କରୁଛନ୍ତି। ଅପରପକ୍ଷରେ ଅଭିଯୋଗ ହେଉଛି ଯେ, ଲୋଭୋଲଟେଜ ଯୋଗୁ ସିନଟେକ୍ସକୁ ଆବଶ୍ୟକ ପାଣି ଉଠି ପାରୁନାହିଁ। ଏହି ସବୁ ସମସ୍ୟାର ସମାଧାନ ପାଇଁ ଯାତ୍ରୀମାନେ ଦାବି କରି ଆସୁଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ଏନେଇ କଣ୍ଟାବାଞ୍ଜି ଆଇଓଡ଼ବ୍ଲୁ (ଇନ୍ସପେକ୍ଟର ଅଫ ୱାର୍କସ)ଦୀପକ କୁମାରଙ୍କୁ ଯୋଗାଯୋଗ କରିବାରୁ ଲୋକ ଟ୍ୟାପଗୁଡ଼ିକ ଭାଙ୍ଗି ଦେଉଥିବାରୁ ଏପରି ସମସ୍ୟା ହେଉଛି। ତଥାପି ଆମେ ତାର ସମାଧାନ କରୁଛୁ ବୋଲି କହିଥିଲେ।

## ଡିଡବ୍ଲ୍ୟୁଓଙ୍କ ଗିରଫ ଦାବି କଲା ଜିଲା ଆଦିବାସୀ ସଂଘ

**ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା**

- ଜେଲଗଲେ ଗିରଫ ଅଭିଯୁକ୍ତ

**ବଲାଙ୍ଗୀର ଅଫିସ, ୨୭।୨**

ବଲାଙ୍ଗୀର ଜିଲା ଅନୁସୂଚିତ ବିଭାଗ ଅଧିନ ଏକ ସ୍କୁଲ ହଷ୍ଟେଲର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଥିବା ସୋମବାର ଜଣାପଡିଥିଲା। ଏ ନେଇ ସଦର ଥାନାରେ ରିପୋର୍ଟ ପରେ ପୋଲିସ ଜଣଙ୍କୁ ଅଟକ ରଖିଥିଲା। ଖବର ଧରିତ୍ରୀରେ ପ୍ରକାଶ ପରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଜିଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ କରି ତୁରନ୍ତ ଜିଲା ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ)ଙ୍କୁ ବହିଷ୍କାର ସହ ଗିରଫ ଦାବି କରିଛି। ସଂଘର ସତ୍ୟନାରାୟଣ ଭୋଇ, ଶ୍ୟାମ ସୁନ୍ଦର ଭୋଇ, ଗୋପାଳ ପଧାନ, କାହ୍ନୁଚରଣ ପଧାନ, ଦଶରଥ ଛତ୍ରିଆ, ପୌର ଉପାଧକ୍ଷା ଗାୟତ୍ରୀ ଭୋଇ ମଙ୍ଗଳବାର (ଡିଡବ୍ଲ୍ୟୁଓ) ଅଲେଖ ବିଶ୍ୱାଳଙ୍କୁ ଭେଟି କିଭଳି ପରିସ୍ଥିତିରେ ଛାତ୍ରୀ ଗର୍ଭବତୀ ହେଲେ ବୋଲି ପ୍ରଶ୍ନ କରିଥିଲେ। ବିଶ୍ୱାଳ ତାଙ୍କ ପାଖରେ ସୂଚନା ନ ଥିବା କହିବାରୁ ସେଠାରୁ ପ୍ରତିନିଧି ଦଳ ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ନୀତିନ କୁଶଲକରଙ୍କୁ ଭେଟିଥିଲେ। ତାଙ୍କ ଦାୟିତ୍ୱରେ ଆଦିବାସୀ ଛାତ୍ରୀମାନେ ଥିବାବେଳେ ସେ ଖାମଖିଆଲି ଉତ୍ତର ଦେଉଛନ୍ତି ଦାବି କହିଥିଲେ। କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଜିଲାପାଳ ରାଣା କହିଥିଲେ। ଏସ୍‌ପି କୁଶଲକର କହିଛନ୍ତି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଘଟଣାକୁ ହାଲୁକା ଭାବେ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଅଟକ ଯୁବକଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## କୀଟନାଶକ ବ୍ୟବହାର ଜୀବଜଗତ ପ୍ରତି ବିପଦ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଗ୍ରଣୀ ଚାଷୀ।

**ଖପ୍ରାଖୋଲ, ୨୮।୨ (ଡି.ଏନ.ଏ.)**

**କୀଟନାଶକ ପ୍ରୟୋଗ ଉପରେ ସଚେତନତା**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ ତରଫରୁ କୀଟନାଶକ ପ୍ରୟୋଗ ଉପରେ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ସମ୍ମାନିତ ଅତିଥି ସହକାରୀ କୃଷି ଅଧିକାରୀ ରାଜେଶ୍ୱରି ଭୋଇ, ଏଫିଏସ ମାଷ୍ଟରଟ୍ରେନର ଅଭୟ ତ୍ରିପାଠୀ, ୱାଇସିଡିଏ ବ୍ଲକ ସଂଯୋଜକ ହେମବତୀନନ୍ଦନ ବେହେରା ଯୋଗଦେଇ ଅସୁରକ୍ଷିତ କୀଟନାଶକ ବ୍ୟବହାର ଜୀବଜଗତପ୍ରତି ବିପଦ ବୋଲି କହିଥିଲେ। ଅତି ଆବଶ୍ୟକ ନହେଲେ ରାସାୟନିକ କୀଟନାଶକ ବ୍ୟବହାର ଅନୁଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ରୋଗ ପୋକ ନିୟନ୍ତ୍ରଣ ପାଇଁ ଜୈବିକ ରୋଗପୋକ ନିୟନ୍ତ୍ରକ ବ୍ୟବହାର କରାଯାଇପାରିବ ବୋଲି ଏଫିଏସ ମାଷ୍ଟର ଟ୍ରେନର ମତ ପ୍ରକାଶ କରିଥିଲେ। ଏହି ଅବସରରେ କୀଟନାଶକ ବ୍ୟବହାର ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ବୈଠକରେ ବ୍ଲକର ବିଭିନ୍ନ ଗ୍ରାମର ୫୦ଜଣ ଅଗ୍ରଣୀ ଚାଷୀଙ୍କ ସହ ଉମେଶ ଗୁପ୍ତା , ଗଣେଶ ବନଛୋର, ଭୋଜରାଜ ବରିହା, ଜଗଦୀଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଟିଏମ ପରେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ତାଲୁକସ୍ତରୀୟ ଆଇନ ସଚେତନତା ଶିବିର

**ଖଡ଼ିଆଳ,୨୮।୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବାଦୀଗାଁରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୋମବାର ତାଲୁକସ୍ତରୀୟ ଆଇନ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛ। ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧକ୍ଷା ସୁଶ୍ରୀ ଚିନ୍ମୟୀ ଜେନାଙ୍କ ଅଧ୍ୟକ୍ଷତାରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରିତୀ ତ୍ରିପାଠୀ, ଜୁଡିସିଆଲ ବାର ଅଧ୍ୟକ୍ଷ ଶିବ ପ୍ରସାଦ ମେହେର, ଖଡିଆଳ ବାର ଆସୋସିଏଶନ ସଭାପତି ଦିନେଶ ତିଓାରୀ, ବରିଷ୍ଠ ଆଇନଜୀବୀ ବିରଜା ସିଂ ଦଳପତି, ଆଇନଜୀବୀ ସତ୍ୟନାରାୟଣ ଦାଶ, ଟଙ୍କଧର ପଟେଲ, ଅକ୍ଷୟ ମେହେର ଏବଂ ନରେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରଥିଲେ। ବିଶେଷ କରି ସଡକ ଦୁର୍ଘଟଣା ପ୍ରାଣହରାଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦିଗରେ ଥିବା ବିଭିନ୍ନ ନିୟମାବଳୀ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ନିର୍ବାଚିତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଜଙ୍ଗଲ ନିଆଁ ରୋକିବାକୁ ପଥପ୍ରାନ୍ତ ନାଟକ



ବୁରୋଭାଡିରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ସଚେତନତା କରାଯାଉଛି।

**ଲୋଇସିଂହା,୨୮।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ବୁରୋଭାଡି, ଦାନିପାଲି ଓ ଠାକୁରପାଲି ଗ୍ରାମରେ ମଙ୍ଗଳବାର ଜଙ୍ଗଲ ନିଆଁ ରୋକିବାକୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା କରାଯାଇଛି। ଗ୍ରୀଷ୍ମଋତୁ ସହ ଗଛରୁ ପତ୍ର ଝଡିବା ଆରମ୍ଭ ହୋଇଯାଇଛି। ଗାଁ ସୀମାନ୍ତ ଜଙ୍ଗଲରେ ଏବେ ଲୋକେ ଭିନ୍ନଭିନ୍ନ କାରଣରୁ ନିଆଁର ଲଗାଇ ଦେଉଛନ୍ତି। ନିଆଁ ପ୍ରକୋପରେ ଜଙ୍ଗଲ ଧ୍ୱଂସ ହେବା ସହ ଜୀବଜନ୍ତୁ ଜଳି ପୋଡି ମରି ଯାଉଛନ୍ତି। ସଚେତନତା ଅଭାବରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାନୀୟ ଅଗ୍ନିଶମ ବିଭାଗ ଓ ବନ ବିଭାଗକୁ ନାକେଦମ ହେବାକୁ ପଡୁଛି। ଲୋକଙ୍କୁ ସଚେତନ କରିବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବୁରୋଭାଡି, ଦାନିପାଲି ଓ ଠାକୁରପାଲି ଅଞ୍ଚଳରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା କରାଯାଇଛି। ତୁଷୁରା ଅଞ୍ଚଳର କଳାକାର ସାନବଡ ଯୋଡି ଓ ସାଥୀ ଡଙ୍ଗରବିହା ଗାଁରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରି ଜଙ୍ଗଲ ସୁରକ୍ଷା କିପରି କରାଯାଇ ପାରିବ ତାହା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଞ୍ଜ ଅଫିସର ପାଉଲ ହରପାଲ, ଫରେଷ୍ଟର ଠଣସୁନ୍ଦର ଧରୁଆ, ବିଦ୍ୟାଧର କୁଅଁର, ଚିନ୍ମୟ ପ୍ରଧାନୀ ଓ ଷ୍ଟାଫ ଉପସ୍ଥିତଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

**ଲୋଇସିଂହା, ୨୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ସନାତନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଗଲପୁର ବ୍ଲକ ଉଚ୍ଚବାହାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ସାହୁ, ଶିକ୍ଷା ବିକାଶ ସମିତି ଓଡିଶା ପ୍ରାନ୍ତ ନିରୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ବଲାଙ୍ଗୀର ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଜାତୀୟ ବିଜ୍ଞାନ ଏବଂ ସିଭିରମଣଙ୍କ ବିଷୟରେ ଆଲୋକପାତ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଗୁରୁମା ମନୀଷା ମହାକୁର। ଆଚାର୍ଯ୍ୟ ନିତ୍ୟାନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରକଳ୍ପ ପ୍ରଦର୍ଶନ, ଚିତ୍ରାଙ୍କନ ପ୍ରତିଯୋଗୀତା, ପ୍ରଶ୍ନମଞ୍ଚ ଏବଂ ପତ୍ରବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କଳାକାରଙ୍କୁ ମିଳିନି ପ୍ରମାଣପତ୍ର

**ଲୋଇସିଂହା,୨୮।୨(ଡି.ଏନ.ଏ.)**

- ବ୍ଲକସ୍ତରୀୟ ଲୋକ ଉତ୍ସବରେ ଭାଗ ନେଇଥିଲେ
- ଦେଢମାସ ପରେ ବି କୁଶମେଲର ୧୨କଳାକାର ନିରାଶ
- ଘଟଣାର ତଦନ୍ତ କରିବି: ବିଡିଓ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକସ୍ତରୀୟ ଲୋକ ଉତ୍ସବ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମ ସମାପନର ଦେଢମାସ ବିତିଗଲାଣି। ହେଲେ ଲୋକ ଉତ୍ସବରେ ଅଂଶଗ୍ରହଣ କରିଥିବା ବ୍ଲକ ଅଧୀନ କୁଶମେଲ ଗ୍ରାମର ୧୨ ଜଣ କଳାକାରଙ୍କୁ ଏ ଯାଏ ମିଳିନି ପ୍ରମାଣପତ୍ର। ପ୍ରମାଣପତ୍ର ପାଇଁ ସେମାନେ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ନିରାଶ ହେବାକୁ ପଡିଛି। ମଙ୍ଗଳବାର ପରକ୍ଷିତ ପଧାନ ନାମକ ଜଣେ କଳାକାର ପ୍ରମାଣପତ୍ର ପାଇଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନଙ୍କ ପାଖକୁ ଯାଇଥିଲେ। ହେଲେ ସେ ବ୍ଲକ କଳାକାର କମିଟିର ସରୋଜ ମହାକୁରଙ୍କୁ ଭେଟିବାକୁ କହିଥିଲେ। ଜାନୁୟାରୀ ୧୦ତାରିଖରେ ବ୍ଲକସ୍ତରୀୟ ଲୋକଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପରକ୍ଷିତ ପଧାନଙ୍କ ସମେତ କୁଶମେଲ ଗ୍ରାମର ୧୨ଜଣ କଳାକାର ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେତେବେଳେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ପଞ୍ଚାୟତ ଅଫିସ ମାଧ୍ୟମରେ ପ୍ରମାଣପତ୍ର ପଠାଇ ଦିଆଯିବ ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ଲକ କଳାକାର କମିଟି ପକ୍ଷରୁ କୁଶମେଲ ପଞ୍ଚାୟତ ସରପଞ୍ଚ କୌସ୍ତୁବ ସାହୁଙ୍କ ପାଖକୁ ନାମ ନ ଥିବା ୧୨ଟି ସାଧା ପ୍ରମାଣପତ୍ର ପଠାଇ ଦିଆଯାଇଥିଲା। ଉକ୍ତ ପ୍ରମାଣପତ୍ରକୁ ଏଲ.ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଦେଇ ଦେବାକୁ କୁଆଡେ ସରପଞ୍ଚଙ୍କୁ କୁହାଯାଇଥିଲା। ପରେ ଉକ୍ତ କାଗଜାତକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ସରପଞ୍ଚ ସାହୁଙ୍କଠାରୁ ନେଇଯାଇଥିଲେ। ଏହାସତ୍ତ୍ୱେ ଅଦ୍ୟାବଧି କଳାକାରଙ୍କୁ ପ୍ରମାଣପତ୍ର ମିଳିନାହିଁ। ବ୍ଲକରୁ ତାଲିକା ଦେଲେ ସେ କଳାକାରଙ୍କୁ ପ୍ରମାଣପତ୍ର ବଣ୍ଟନ କରିବେ ବୋଲି କହୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସାହୁ କହିଛନ୍ତି କଳାକାର କମିଟି କହିବାନୁସାରେ ମୋ ପାଖକୁ ଆସିଥିବା କାଗଜପତ୍ର ମୁଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଇଦେଇଛି। ଏ ନେଇ ବ୍ଲକ କଳାକାର ସଂଘ ଅଧ୍ୟକ୍ଷ ତଥା ଲୋଇସିଂହା ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ପଚାରିବାରୁ ବୁଧବାର ଅଭିଯୋଗର ତଦନ୍ତ କରିବି ବୋଲି କହିଛନ୍ତି।

## କରାଟେରେ ଟିଟିଲାଗଡ଼ର ୪ବ୍ଲାକବେଲ୍ଟ



ବ୍ଲାକବେଲ୍ଟଙ୍କୁ ଟିଟିଲାଗଡରେ ସମ୍ବର୍ଦ୍ଧନା ଦିଆଯାଉଛି।

**ଟିଟିଲାଗଡ଼, ୨୮।୨ (ଡି.ଏନ.ଏ)**

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ଲାକବେଲ୍ଟ ପରୀକ୍ଷାରେ ଟିଟିଲାଗଡର ଖେଳାଳି କୃତିତ୍ୱ ହାସଲ କରିଛନ୍ତି। ରାଜ୍ୟରୁ ମୋଟ ୪ ଜଣ ବାଳିକା ଏବଂ ୧୦ ଜଣ ବାଳକ ଏହି ପରୀକ୍ଷାରେ ଭାଗ ନେଇଥିଲେ। ଟିଟିଲାଗଡ ଉତ୍କଳ କରାଟେ ସ୍କୁଲର ଶର୍ମିଷ୍ଠା ଜାଲ, ଶିବା ସାହୁ, ପ୍ରତାପ ସାହୁ ଏବଂ ପ୍ରିୟଂଶୁ ଫରିକାର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଛାତ୍ରୀଛାତ୍ରମାନେ ମୁଖ୍ୟ ପ୍ରଶିକ୍ଷକ ସନସାଇ ସୁରେଶ ଜାଲ ଏବଂ ସେନସାଇ ବ୍ୟୋମକେଶ ବେହେରାଙ୍କ ତତ୍ତ୍ୱାବଧାନରେ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ହନସି ଡ. ହରିପ୍ରସାଦ ପଟ୍ଟନାୟକ ପରୀକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ। କୃତି ଛାତ୍ରୀଛାତ୍ର ଟିଟିଲାଗଡ ଫେରିବା ସମୟରେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ପ୍ରମୋଦ ସରାଫ, ଟିଟିଲାଗଡ କରାଟେ ସ୍କୁଲ ସଭାପତି ଆଇନଜୀବୀ ମନୋଜ ହାତୀ, ଉପସଭାପତି ସତ୍ୟବ୍ରତ ପଣ୍ଡା, ଅରୁଣ ସାହୁ, ପ୍ରମୋଦ ପାଲ, ପ୍ରଶିକ୍ଷକ କୃଷ୍ଣସିଂ ପାତ୍ର, ରାହୁଲ ଜାଲ, ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲ, ମାନସି ଜାଲ, ଦେବାୟକ ବେହେରା, ମୁନା ବେହେରା, ସରୋଜ ଫରିକାର ପ୍ରମୁଖ ଉପସ୍ଥିତ ରହି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ଜାମଟିକ୍ରା, ୨୮।୨(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଝିଲମିଣ୍ଡା ସରସତୀ ଶିଶୁ ବିଦ୍ୟାମନ୍ଦିରଠାରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜସେବୀ ସତ୍ରାଜିତ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଦିବସର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଶ୍ରୀ ଜନନୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁଜୀ ତାପସ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିଶୁମାନଙ୍କଦ୍ୱାରା ବିଜ୍ଞାନ ପ୍ରଶ୍ନ ମଞ୍ଚ ତଥା ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଉପସଭାପତି ବୃନ୍ଦାବନ ସାହୁ ମଞ୍ଚାସୀନ ଥିଲେ।

### ୫୨ କେଜି ଗଞ୍ଜେଇ ସହ କାର୍ ଜବତ

ପଦ୍ମପୁର, ୨୮।୨(ଡି.ଏନ.ଏ.): ବୌଦ୍ଧରୁ ଛତିଶଗଡକୁ ଚାଲାଣ ହେଉଥିବା ବେଳେ ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ପୋଲିସ ସୋମବାର ରାତିରେ ଚଢ଼ାଉ କରି ୫୨ କେଜି ୨୦୦ ଗ୍ରାମ୍ ଗଞ୍ଜେଇ ସହ ଏକ କାର୍ (ନଂ.ସିଜି୧୩ଏଏଚ୍/୨୧୯୪)କୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଥାନାଧିକାରୀ ରାଜେନ୍ଦ୍ର ସିଅଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ।

### ଚିତ୍ତରଞ୍ଜନ ଭୋଇ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି

ବରଗଡ଼ ଅଫିସ,୨୮।୨: ଭାଜପାର ବରିଷ୍ଠ ନେତା ତଥା ଅତାବିରା ବ୍ଲକର ପୂର୍ବତନ ଭାଜପା ସଭାପତି ଚିତ୍ତରଞ୍ଜନ



ଭୋଇଙ୍କୁ କୃଷକ ମୋର୍ଚ୍ଚା ବରଗଡ ଜିଲା ସଭାପତି ଭାବେ ମନୋନିତ କରାଯାଇଛି। ସେ ଏହା ପୂର୍ବରୁ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଅତାବିରା ପଞ୍ଚାୟତ ସମିତି ଚେୟାରମ୍ୟାନ, ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ଅତାବିରା ବ୍ଲକ ଜୋନ-୧ର ଜିଲା ପରିଷଦ ସଦସ୍ୟ ସହ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦନ ସଂଘର ଡାଇରେକ୍ଟର ଭାବେ ୩ବର୍ଷ ଦାୟିତ୍ୱରେ ଥିଲେ। ବରଗଡ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ପ୍ରସ୍ତାବ କ୍ରମେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତଙ୍କ ଅନୁମୋଦନ ପରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ଭୋଇଙ୍କୁ ଏହି ପଦବୀରେ ମନୋନୀତ କରିଛନ୍ତି ।

### ଜାତୀୟ ବିଜ୍ଞାନ ଦିବସ ପାଳିତ

ଉଲୁଣ୍ଡା, ୨୮।୨(ଡି.ଏନ.ଏ.) : ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଶ୍ରୀ ଜଗନ୍ନାଥ ଏକାଡେମୀ କୋଟସମଲାଏ ଉଚ୍ଚ ବିଦ୍ୟାଳୟ ଓ ତ୍ରିକୁଟ ଗିରି ବିଜ୍ଞାନ କ୍ଲବର ମିଳିତ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇ ଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶୋଭାଶିନୀ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସିଆରସିସି ସୁଧାଂଶୁ ଶେଖର ଲୁହା ଯୋଗ ଦେଇଥିଲେ। ସୁଧୀର କୁମାର ହୋତା, ଲକ୍ଷ୍ମଣ ମିଶ୍ର, ଶଙ୍ଖସିନ୍ଧୁ ପୁରୋହିତ ବିଜ୍ଞାନ ଦିବସର ପ୍ରାସଙ୍ଗିକତା ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମ କୁ ଅନିରୁଦ୍ଧ ପାଢ଼ୀ ସଂଯୋଜନା କରିଥିଲେ। ରାଜୁ ମିଶ୍ର ଅତିଥି ପରିଚୟ ଓ ବିଜୟ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ବୈଜ୍ଞାନିକ ସରଞ୍ଜାମର ଚିହ୍ନଟିକରଣ ପ୍ରତିଯୋଗିତା କରାଯାଇ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କ ରୁଚି ରହିବା ଆବଶ୍ୟକ

ବରଗଡ଼ ଅଫିସ୍,୨୮।୨

ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଜିଲା ବିଜ୍ଞାନ ପ୍ରସାର ସମିତି ଏବଂ ଜିଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ଜିଲାର ମନୋନିତ ଉତ୍କୃଷ୍ଟ ୨୭ ପ୍ରକଳ୍ପ ସ୍ଥାନୀତ ହୋଇଥିଲା। ସେହିପରି ବିଜ୍ଞାନ କୁଇଜରେ କନିଷ୍ଠ, ବରିଷ୍ଠ ବିଭାଗରେ ୨୪ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ପ୍ରସାର ସମିତି ସଦସ୍ୟ ପ୍ରଫେସର ଯଦୁନାଥ ମହାଲିକ, ବିଜ୍ଞାନ କେନ୍ଦ୍ର ସଂଯୋଜକ ତଥା ପ୍ରଧାନ ଶିକ୍ଷକ ଡଃ ମନୋଜ କୁମାର ସାହୁ ଯୋଗଦେଇ ବିଦ୍ୟାଳୟ ସ୍ତରରେ ବିଜ୍ଞାନର ଉନ୍ନତି ଉପରେ ଆଲୋକପାତ କରିଥିଲେ। ଏହାସହିତ ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କ ଯେଭଳି ରୁଚି ରହିବ, ସେଥିପ୍ରତି ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ବିଜ୍ଞାନ ପତ୍ରିକା ସ୍କେଚ୍ଚ ଉନ୍ମୋଚିତ ହୋଇଥିଲା। ସେହିପରି କୁଇଜ୍ ଓ ପ୍ରକଳ୍ପ ପ୍ରତିଯୋଗିତାକୁ ମାନସ ରଞ୍ଜନ ଶତପଥି, ଭବାନୀ ଶଙ୍କର ଗଡ଼ତିଆ ପରିଚାଳନା କରିଥିଲେ। ଜିଲା ବିଜ୍ଞାନ ଧୀରଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ବିଜ୍ଞାନ କେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଭାର୍ଗବ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ବିକାଶ ଡିଗ୍ରୀ କଲେଜରେ ବିଜ୍ଞାନ ଦିବସ ସଭାରେ ମଞ୍ଚାସୀନ ଅତିଥିଗଣ।



ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବରଗଡ଼ ବିକାଶ ଆବାସିକ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ବିକାଶ ଡିଗ୍ରୀ କଲେଜରେ ଅନୁଷ୍ଠାନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏମ୍ସ, ଭୁବନେଶ୍ୱର ଏନାଟୋମି ବିଭାଗର ବିଶେଷଜ୍ଞ ଡଃ ପ୍ରଭାସ ରଞ୍ଜନ ତ୍ରିପାଠୀ ମୁଖ୍ୟବକ୍ତା ଏବଂ ଓଡ଼ିଶା ବିଜ୍ଞାନ ମଣ୍ଡଳର ଯୁଗ୍ମ ସଚିବ ଦିବ୍ୟକିଶୋର ପଣ୍ଡା

**ବରଗଡ଼ରେ ଜାତୀୟ ବିଜ୍ଞାନ ଦିବସ**

ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ର ୧୫ପ୍ରକଳ୍ପ ସମେତ ୬ ବୈଜ୍ଞାନିକ ପ୍ରୟୋଗର ପ୍ରଦର୍ଶନ କରିଥିଲେ। ୧୫ ଛାତ୍ରୀଛାତ୍ର ଟେକ୍ନିକାଲ ସେସନ୍‌ରେ ସେମିନାର ଉପସ୍ଥାପନ କରିଥିଲେ। ଅଧ୍ୟାପକ ସୁରଜ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିସ୍ମୟ କୁଇଜ୍ ହୋଇଥିଲା। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର୍‌ଏସ୍‌ଭି କ୍ରୀଷ୍ଣାଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ ଅବଦୁଲ ଫରିଦ ଖାନ୍, ଅଂଶୁମାନ ବେହେରା, ମୀନା ବାରିକ ପ୍ରମୁଖ ସହଯୋଗ କରିଥିଲେ। କୋଅର୍ଡ଼ିନେଟର ସୁଦାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ଗୀତା ଜାଲ ସମ୍ମାନିତ ଅତିଥି, ବିଶ୍ୱଜିତ ଶତପଥୀ ମୁଖ୍ୟବକ୍ତା ଏବଂ ଆଲୋକ ଗରିଆ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍କୁଲର ନବମ, ଦଶମ ଶ୍ରେଣୀ ଛାତ୍ରୀଛାତ୍ର, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପଞ୍ଚାୟତ କଲେଜର ବିଇଡ଼ି ପ୍ରଶିକ୍ଷାର୍ଥୀମାନେ ଯୋଗଦାନ କରିଥିଲେ। ଗାଇସିଲେଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂସଢ଼ୋଲ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁନା ସେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ଅତିଥି ପରିଚୟ ପ୍ରଦାନ ଓ ଟଙ୍କଧର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁମା ସରୋଜିନୀ ପୁଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରକଳ୍ପ ପ୍ରଦର୍ଶନ, ପ୍ରଶ୍ନମଞ୍ଚ, ବୈଜ୍ଞାନିକଙ୍କ ଜୀବନୀ କଥନ ଆଦି ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରେମରାଜ ମଟାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ଛାତ୍ରୀଙ୍କୁ ମାଡ଼ ମାମଲା**

ବରଗଡ଼ ଅଫିସ୍,୨୮।୨

ବରଗଡ଼ ସହର ସ୍ଥିତ ଖଜୁରଟିକ୍ରା ନିକଟ ନଲିଆଖଣ୍ଡି ରାଧାମାଧବ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପୁଅଙ୍କ ମାଡ଼ରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀ ଗୁରୁତର ହେବା ଘଟଣାରେ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ରଥଙ୍କୁ ନିଲମ୍ବିତ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ (ଡିଇଓ) ମିତ୍ରଭାନୁ କଚ୍ଛପ କହିଛନ୍ତି। ଘଟଣା ନେଇ ଅଭିଯୋଗ ପାଇବା ପରେ ଡିଇଓ କଚ୍ଛପ ବ୍ଲକ ଶିକ୍ଷାଧିକାରୀ (ବିଇଓ) ସେବାଶ୍ରୀ ଭୋଇଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ପାଇବା ପରେ ଡିଇଓ କଚ୍ଛପ ପ୍ରଧାନ ଶିକ୍ଷୟିତ୍ରୀ ରଥଙ୍କ ଉପରେ ସେଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେହିପରି ଥାନାରେ ଏତଲା ହେବା ପରେ ପୂର୍ବରୁ ବରଗଡ଼ ଟାଉନ ଥାନା ପୋଲିସ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପୁଅ ସ୍ୱାଭିମାନଙ୍କୁ ଗିରଫ କରିଥିଲା। ପ୍ରକାଶ ଥାଉକି, ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୭ ନଲିଆଖଣ୍ଡି ନିବାସୀ ଜୀବର୍ଦ୍ଧନ ଚନ୍ଦ୍ରାଙ୍କ ଝିଅ କବିତା ଉକ୍ତ ସ୍କୁଲରେ ପଢୁଥିଲେ। ଗତ ଶୁକ୍ରବାର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କ ପୁଅ ସ୍ୱାଭିମାନ ସ୍କୁଲକୁ ଆସି କବିତାଙ୍କୁ ଲୁହାରଡ୍‌ରେ ନିସ୍ଠୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

## ଛତୁଆ ପରେ ପିଡିଏସ୍ ଚାଉଳ

ଭେଡେନ,୨୮।୨(ଡି.ଏନ.ଏ.)

ପୁଷ୍ଟିହୀନତା ଦୂରୀକରଣ ଉଦ୍ଦେଶ୍ୟରେ ସରକାର ସମନ୍ୱିତ ଶିଶୁବିକାଶ ଯୋଜନାରେ ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଭାବେ ମାଗଣା ଛତୁଆ ବଣ୍ଟନ କରୁଛନ୍ତି। ମାତ୍ର ବରଗଡ଼ ଜିଲା ଭେଡେନ ବ୍ଲକ ଅଞ୍ଚଳରେ ବ୍ୟବସାୟୀମାନେ ଚତୁରତାର ସହ କମ୍‌ମୂଲ୍ୟରେ ଏହାକୁ କିଣି ବଜାରରେ ଚଢା ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଛତୁଆ ପରେ ଏବେ ପିଡିଏସ୍ ଚାଉଳ ଉପରେ ସେମାନଙ୍କ ଲୋଲୁପଦୃଷ୍ଟି ପଡିଛି। ରାଜ୍ୟରେ ପରିବାରର ସଦସ୍ୟ ପିଛା

**ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି**

ମାସିକ ୫କେଜି ହିସାବରେ ଟଙ୍କାକିଆ ଚାଉଳ ଯୋଗାଇ ଦିଆଯାଉଛି। ମାତ୍ର ପିଡିଏସ୍ ତାଲିକାରେ ସାମିଲ ହୋଇଥିବା ବହୁ ଧନିକ ଶ୍ରେଣୀର ଲୋକେ ଏହି ଚାଉଳକୁ ନେଇ ବ୍ୟବହାର କରୁନାହାନ୍ତି। ଫଳରେ ବ୍ୟବସାୟୀମାନେ ଗାଁ ଗାଁ ବୁଲି ଟଙ୍କାକିଆ ଚାଉଳକୁ କେଜି ପ୍ରତି ୧୮ରୁ ୨୦ ଟଙ୍କାରେ କିଣି ନେଉଛନ୍ତି। ଏହି ଚାଉଳ ପୁଣି ରାଇସ୍ ମିଲକୁ ଯାଇ ରିସାଇକ୍ଲିନ ହେବା ପରେ ନୂଆ ପ୍ୟାକେଟ ହୋଇ ବଜାରରେ ବିକ୍ରି କରାଯାଉଛି। ଏ ସମ୍ପର୍କରେ ଭେଡେନ ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ କୁମାର କେରକେଟାଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଯୋଗ୍ୟ ହିତାଧିକାରୀଙ୍କୁ ନୋଟିସ ଜାରି କଲା ପରେ କେତେକ ରାସନ କାର୍ଡ ଫେରାଇଛନ୍ତି। ଯଦି ଆଉ କୌଣସି ଅଯୋଗ୍ୟ ପରିବାର ରାସନ କାର୍ଡ ଫେରାଇନାହାନ୍ତି, ତେବେ ଅଭିଯୋଗ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଲୋକଙ୍କୁ ଚାଉଳ ଖାଇବାକୁ ଦିଆଯାଉଛି। ସେମାନେ ତାହା ବିକ୍ରି କଲେ ଆମେ କ'ଣ କରିପାରିବୁ ବୋଲି ଯୋଗାଣ ନିରୀକ୍ଷକ କେରକେଟ କହିଥିଲେ।

## 'ଜୀବନର ଲକ୍ଷ୍ୟ' ଶୀର୍ଷକ ଆଲୋଚନାଚକ୍ର

ବରଗଡ଼ ଅଫିସ, ୨୮।୨

ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାର ସ୍ଥିତ ଇମ୍ପେରିୟଲ କଲେଜ ପରିସରରେ ଥିବା ଚାଣକ୍ୟ ହଲ୍‌ରେ ଇସ୍କନ ଓ ଇମ୍ପେରିୟଲ କଲେଜର ମିଳିତ ପ୍ରୟାସରେ ଛାତ୍ରୀଛାତ୍ରମାନଙ୍କ ପାଇଁ 'ଜୀବନର ଲକ୍ଷ୍ୟ' ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଇସ୍କନ, କୋଲକତାରୁ ଆସିଥିବା ଶ୍ରୀଧାମ ପ୍ରଭୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଝରଣା ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଧାମ ପ୍ରଭୁ କହିଥିଲେ, ବର୍ତ୍ତମାନ ସମ୍ପୂର୍ଣ୍ଣ ମାନବ ସମାଜ ସୁଖ ପ୍ରାପ୍ତି ପାଇଁ ଯେଉଁ ରାସ୍ତାକୁ ବାଛୁଛି, ତାହା ପ୍ରକୃତ ମାର୍ଗ ନୁହେଁ। ଜୀବନରେ ଲକ୍ଷ୍ୟ ହାସଲ କରିବା ପାଇଁ କେବଳ ଭୌତିକ ଦୁନିଆ ଭିତରୁ ସୁଖ ଖୋଜିଲେ ଏହା କେବେ ବି ପ୍ରାପ୍ତ ହୋଇପାରିବନାହିଁ। ପୌରାଣିକ ବିଷୟ ବସ୍ତୁରୁ ଅନେକ ଉଦାହରଣ ଦେଇ ଆଧୁନିକ ସମାଜ ପର୍ଯ୍ୟନ୍ତ ପ୍ରକୃତ ସୁଖର ପରିଭାଷା କେବେ ବି ପରିବର୍ତ୍ତନ ହୋଇନାହିଁ। ନିଜର ସ୍ୱାର୍ଥ ଓ ଲୋଭ



ଆଲୋଚନାଚକ୍ରରେ ମୁଖ୍ୟବକ୍ତା ବକ୍ତବ୍ୟ ରଖୁଛନ୍ତି।

ଯୋଗୁ ମଣିଷ ହିଁ ଏହାକୁ ପରିବର୍ତ୍ତନ କରିଛି। ତେଣୁ ଜୀବନରେ ଲକ୍ଷ୍ୟ ପ୍ରାପ୍ତି ପାଇଁ ସତ୍ୟ, ନିଷ୍ଠା ଓ ପରିଶ୍ରମ କରିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସ୍କନ ପକ୍ଷରୁ ରାଜେନ୍ଦ୍ର ହରିଦାସ, ନରହରି ଦାସ, ଦିନାନାଥ ଦାସ, ରସରାଜ ରାଧିକେଶ ଦାସ, ପୁରୁଷୋତ୍ତମ ଦାସ, ଚିରଞ୍ଜୀବ ନାମଦେବ ଯୋଗ ଦେଇଥିଲେ। ଏହି ଅବସରରେ କଲେଜର ଚେୟାରମ୍ୟାନ ଦୀପକ ଗୋୟଲ ଓ ଅଧକ୍ଷ ଦୁର୍ଗେଶ ଶତପଥୀ ଉପସ୍ଥିତ ରହି ଇସ୍କନ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ପାଠଚକ୍ର

ପଦ୍ମପୁର, ୨୮।୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ପାଠଚକ୍ର ବିଭାଗୀୟ ମୁଖ୍ୟ ଡ. ଦୁଃଖିଶ୍ୟାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡିଆ ବିଭାଗ ଛାତ୍ରୀ ସସ୍ମିତା ଭୋଇ 'ଲୋକନାଟକରେ ଦାସକାଠିଆ ଏକ ଅନୁଶୀଳନୀ' ଶୀର୍ଷକ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରମୋଦ ପାଢ଼ୀ, ପ୍ରାଧ୍ୟାପକ ଡ. ଜୟକେତନ ତ୍ରିପାଠୀ ସମୀକ୍ଷକ ଥିଲେ। ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା, ଅଧ୍ୟାପିକା ରୀନା ଧର୍ମବିନାୟକ, ଅଧ୍ୟାପକ ଜୟକୁମାର ଭୁଏ ଓ ଛାତ୍ରୀଛାତ୍ରମାନେ ପାଠଚକ୍ରରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ସୋପାନରେ ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଗାୟକ ବଳରାମ ପଣ୍ଡା, ଶ୍ରୀପାଳିଆ ନନ୍ଦଲାଲ ହାତୀ, ବାୟକ ରଘୁ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପାଠଚକ୍ରକୁ ଡ. ସରୋଜ ନାଏକ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ରୀନା ଧର୍ମବିନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଡ୍‌କ୍ରସ୍ ଶିବିରରେ ପ୍ରଶିକ୍ଷଣ ନେଲେ ୬୫ ଛାତ୍ରୀଛାତ୍ର


ଅତିଥିମାନଙ୍କ ଗହଣରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ର।

ପାଇକମାଳ,୨୮।୨(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ରେଡକ୍ରସ ପ୍ରଶିକ୍ଷଣ ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ଚୂଡାମଣି ବାରିକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୬୫ଜଣ ଛାତ୍ରୀଛାତ୍ର ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ସେମାନଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା, ନୃତ୍ୟ, ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ଚିତ୍ତ ସରାଫ, ସୁମନ୍ତ ସାହୁ, ପ୍ରଫୁଲ୍ଲ ପାଣିଗ୍ରାହୀ, ବିଶ୍ୱରଞ୍ଜନ ଛତ୍ରିଆ ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଡା. ଶ୍ରୀଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସୁଦର୍ଶନ ମହାକୁଡ, ଅମିତ ସାହୁ, ହେମସାଗର ସାହୁ, ନାରାୟଣ ସାହୁ, ଆନନ୍ଦ ଭୋଇ, ଅଶ୍ୱିନୀ ବେରିଆ, ସ୍ୱତନ୍ତ୍ର ସାହୁ, ନମିତା ସାହୁ, ବିଜୟଲକ୍ଷ୍ମୀ ଖାନସମା, ଶିବାନୀ କର୍ନେଲ, ଲୋକନାଥ ସାହୁ, ପ୍ରଫୁଲ୍ଲ ମେହେର, ରଶ୍ମିତା ଡନସନା ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ତ୍ରିଲୋଚନ ନାଏକ ଶିବିର ପରିଚାଳନା କରିଥିବା ବେଳେ ଏବିଏଓ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ନୃସିଂହନାଥ ଆୟୁର୍ବେଦ କଲେଜର ୪୨ତମ ବାର୍ଷିକୋତ୍ସବ

ପାଇକମାଳ,୨୮।୨(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜର ୪୨ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଛି। କଲେଜ ପରିଚାଳନା କମିଟି ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭି ସି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭିସି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି, ପ୍ରଫେସର ପ୍ରଦୀପ କୁମାର ନାୟକ, ଜୟଶ୍ରୀ ମିଶ୍ର, ପଦ୍ମଶ୍ରୀ ପଟ୍ଟାୟତ ସାହୁ ସମ୍ମାନିତ ଅତିଥି ଏବଂ ପ୍ରଫେସର ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ କଲେଜ ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ କଲେଜର ସ୍ମରଣିକା 'ଅମୃତା'କୁ ଉନ୍ମୋଚନ କରିଥିଲେ। କଲେଜର ପ୍ରଶାସକ ମନୋଜ କୁମାର ତ୍ରିବେଦୀ ବାର୍ଷିକ ବିବରଣୀ ପଠନ ଏବଂ ଅଧକ୍ଷା କ୍ଷିରାବ୍ଧୀ ତନୟା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ମୃତକଙ୍କ ପରିଚୟ ମିଳିଲା

ପଦ୍ମପୁର, ୨୮।୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ କୁଡାସିଂହା ଛକରେ ଗତ ୨୭ତାରିଖରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟ ମର୍ଗ ହାଉସରେ ରଖିଥିଲା। ତଦନ୍ତ ପରେ ମୃତକଙ୍କ ପରିଚୟ ମିଳିଛି। ମୃତକ ହେଲେ ପାଇକମାଳ ଗ୍ରାମ ନରସିଂହ ପଡାର ତୈସିନ ରଜା। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଲରମ୍ଭା ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

ଅତାବିରା,୨୮।୨(ଡି.ଏନ.ଏ.)

ଅତାବିରା ବ୍ଲକ ଲରମ୍ଭା ସରକାରୀ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ସାବିତ୍ରୀ ପଣ୍ଡା ମୁଖ୍ୟ ଅତିଥି, ସମିତି ସଭ୍ୟା ସୁମିତ୍ରା ରଣା ମୁଖ୍ୟବକ୍ତା, ସରପଞ୍ଚ ରାଜକିଶୋର ଛନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ନାୟକ, ସିଆର୍‌ସିସି କେଶବ ଛନ୍ଦ, ବିଜୟ ପଣ୍ଡା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକୋତ୍ସବରେ ଅତିଥି, ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ର ।

## ଜିଲାପାଳଙ୍କ ଅଫିସ ଆଗରେ ଧାରଣା

ବରଗଡ଼ ଅଫିସ୍,୨୮।୨

ମିଶନ ଶକ୍ତିରେ ସହାୟକ ଷ୍ଟାଫ୍ ଭାବେ ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର, ଏଲ୍‌ଏସ୍‌ପିମାନେ କାର୍ଯ୍ୟ କରୁଛନ୍ତି। ମାତ୍ର ରାଜ୍ୟ ସରକାର ସମ୍ପୃକ୍ତ କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଆସୁଛି ବୋଲି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଅଭିଯୋଗ କରିଛି। ଏଭଳି ଅଭିଯୋଗ କରି ମଙ୍ଗଳବାର ଆପ୍, ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା, ଦରମା ବୃଦ୍ଧି କରାଯିବାକୁ ସ୍ମାରକପତ୍ରରେ ଦାବି ହୋଇଛି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲା ଆବାହକ ଭବାନୀ ପ୍ରସାଦ ସାହୁ ଏବଂ ରାଜ୍ୟ ସମ୍ପାଦକ ଅମିତାଭ ପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ମହିଳା ସଙ୍ଗଠନର ସଭାନେତ୍ରୀ ମେରିୟମ ବାର୍ଲା, ସ୍ୱରୂପ ଭୋଇ, ମମତା ବେହେରା, ଅବିନାଶ ବାଗ, ଅତାବିରା ବ୍ଲକ ସଭାପତି ଯଦୁମଣି ପ୍ରଧାନ, ଜୟକୃଷ୍ଣ ଛୁରିଆ, ଝୋରବନ୍ଧର ବାଲ୍ମିକୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।



ଜିଲାପାଳ ଅଫିସ ଆଗରେ ଆପ୍‌ର କର୍ମକର୍ତ୍ତା ଧାରଣା ଦେଇଛନ୍ତି ।

## ସଂକ୍ଷେପରେ

### ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ସମ୍ବଲପୁର,୨୮।୨(ବ୍ୟୁରୋ): ବୀର ସୁରେନ୍ଦ୍ର ସାଏଙ୍କ ମହାପ୍ରୟାଣ ଦିବସ ମଙ୍ଗଳବାର ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପାଳିତ ହୋଇଯାଇଛି। ସାଂସ୍କୃତିକ ସମାଜର ସଭାପତି ଅଶୋକ ମିଶ୍ରଙ୍କ ନେତୃତ୍ୱରେ ସଭ୍ୟମାନେ ଜେଲ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ଅରବିନ୍ଦ ମହାପାତ୍ର, ଶଶୀଭୂଷଣ ତ୍ରିପାଠୀ, ପ୍ରଫୁଲ୍ଲ ହୋତା, ଅଶୋକ ପ୍ରଧାନ, ଶିବ ନାରାୟଣ ପାଣିଗ୍ରାହୀ, ସରୋଜ ଦାଶ, ଦୀନବନ୍ଧୁ ପଣ୍ଡା, ଗୋବିନ୍ଦ ଅଗ୍ରୱାଲ, ସୁରେଖା ସାହୁ ପ୍ରମୁଖ ଯୋଗଦେଇଥିଲେ।

### ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଦାବି

ରେଙ୍ଗାଲି,୨୮।୨(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତର ନୂଆଁ ବାଗମୁଣ୍ଡା ଓ ହାଣ୍ଡିମୁଣ୍ଡା ଗ୍ରାମବାସୀ ଏକ ନୂଆ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଦାବି କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବାଗମୁଣ୍ଡା ଗ୍ରାମର ଶିଶୁଙ୍କ ନାମ ବ୍ରାହ୍ମଣୀପାଲି ଓ ହାଣ୍ଡିମୁଣ୍ଡା ଗ୍ରାମର ଶିଶୁଙ୍କ ନାମ ପରଦେଶୀପାଲି ଅଙ୍ଗନୱାଡ଼ି କେନ୍ଦ୍ରରେ ଲେଖାଯାଇଛି। ଏହି ଦୁଇ କେନ୍ଦ୍ର ଗ୍ରାମରୁ ପ୍ରାୟ ୨ କିଲୋମିଟର ଦୂର ହେବ। ୪ବର୍ଷ ତଳେ ରେଙ୍ଗାଲି ବିଡ଼ିଓଙ୍କ ନିକଟରେ ଦାବି ହୋଇଥିଲା। କିନ୍ତୁ କିଛି ସୁଫଳ ମିଳିନାହିଁ। ଶିଶୁଙ୍କ ସ୍ୱାସ୍ଥ୍ୟଦୃଷ୍ଟିରୁ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ ପାଇଁ ଉକ୍ତ ଦୁଇ ଗ୍ରାମବାସୀ ବିଡିଓଙ୍କଠାରେ ଦାବି କରିଛନ୍ତି।

### ବରିଷ୍ଠ ଖବରଦାତା ଗଜେନ୍ଦ୍ର ମହାନ୍ତିଙ୍କ ପରଲୋକ

ବେଲପାହାଡ,୨୮।୨(ଡି.ଏନ.ଏ.): ଓ୍ୟୁଜେର ପୂର୍ବତନ ରାଜ୍ୟ ସଭାପତି ବରିଷ୍ଠ ଖବରଦାତା ଗଜେନ୍ଦ୍ର କୁମାର ମହାନ୍ତିଙ୍କ ମଙ୍ଗଳବାର ଦେହାନ୍ତ ହୋଇଯାଇଛି। ସେ କିଛିଦିନ ତଳେ ଅସୁସ୍ଥ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ସକାଳ ସାଢ଼େ ୫ଟାରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ଲୋକନାଥ ମହାନ୍ତି ମୁଖାଗ୍ନି ଦେଇଥିଲେ। କଟକର ମୂଳ ବାସିନ୍ଦା ଗଜେନ୍ଦ୍ର ୧୯୫୭ ମସିହାରେ ବେଲପାହାଡସ୍ଥିତ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀର ପ୍ରଥମ ବ୍ୟାଚ ଚାକିରୀରେ ଯୋଗ ଦେଇଥିଲେ। ୧୯୯୭ ମସିହାରେ ସେ ଅବସର ନେଇ ସାମ୍ବାଦିକତା କ୍ଷେତ୍ରରେ ନିଜକୁ ପୂର୍ଣ୍ଣ ନିୟୋଜିତ ରଖିଥିଲେ। କିଛିମାସ ତଳେ ତାଙ୍କ ସହଧର୍ମିଣୀଙ୍କ ଦେହାନ୍ତ ହୋଇଯାଇଥିବା ବେଳେ ପରିବାରରେ ତିନି ପୁଅ, ବୋହୂ, ନାତିନାତୁଣୀ ଅଛନ୍ତି।

# ମହାନ୍ ଭାରତ ଗଠନରେ ଛାତ୍ରସମାଜ ଦାୟିତ୍ୱ ନିଅନ୍ତୁ

**ଭିସୁଟ୍‌ର ୧୪ତମ ସମାବର୍ତ୍ତନ ଉତ୍ସବ**

## ୧୨ଶହ ଛାତ୍ରୀଛାତ୍ର ପାଇଲେ ଡିଗ୍ରୀ ଓ ପଦକ

ସମ୍ବଲପୁର,୨୮।୨(ବ୍ୟୁରୋ)



ଭିସୁଟ୍ ସମାବର୍ତ୍ତନ ଉତ୍ସବରେ ଅତିଥିମାନେ ।

ଏକ ମହାନ୍ ଭାରତ ଗଠନରେ ଛାତ୍ରସମାଜ ନିଜର ଦାୟିତ୍ୱ ବହନ କରନ୍ତୁ। ଆମ ଦେଖରେ ୬୫ ପ୍ରତିଶତ ଯୁବବର୍ଗ ରହିଛନ୍ତି। ସେମାନଙ୍କ ବୟସ ହାରାହାରି ୨୯ ରହିଛି। ସେହିପରି ଚାଇନାରେ ଏହା ୩୭ ରହିଥିବାବେଳେ ଜାପାନରେ ୩୮ ରହିଛି। ଛାତ୍ରୀଛାତ୍ରଙ୍କ ସଫଳତା ପଛରେ ଅଭିଭାବକଙ୍କ ବର୍ଷତମାମ ଉଦ୍ୟମ ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନ ରହିଛି। ଶିକ୍ଷା ହିଁ ସୃଜନଶୀଳତା ବିକଶିତ କରିଥାଏ। ଜ୍ଞାନ ଦିବ୍ୟତା ଆଡ଼କୁ ଅଗ୍ରସରତା କରାଇଥାଏ। ଭିସୁଟ୍ ଏକ ପ୍ରମୁଖ ବୈଷୟିକ ସଂସ୍ଥାନରେ ପରିଣତ ହୋଇଛି। ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୧୪ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ (ଇସିଏସ୍) ତଥା ଭିସୁଟ୍‌ର ପୁରାତନ ଛାତ୍ର ଡ. ବିନୟ କୁମାର ଦାଶ ଏହା କହିଥିଲେ।

ଉତ୍ସବରେ କୁଳପତି ପ୍ରଫେସର ବଂଶୀଧର ମାଝି ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଭର୍ଚୁଆଲରେ ସାମିଲ ହୋଇ ନିଜ ଦେଶକୁ ମହାନ୍ କରିବାର ସ୍ୱପ୍ନ ଅନ୍ତର୍ନିହିତ ରହିଥାଏ। ସ୍ୱାଧୀନତାର ୭୫ବର୍ଷ ମଧ୍ୟରେ ଭାରତ ଅନେକ କ୍ଷେତ୍ରରେ ସଫଳତା ହାସଲ କରିଛି। ଦେଶକୁ ଆହୁରି ଆଗକୁ ନେବାରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଏହି ସମୟରେ ସାର୍ ବିଶେଶ୍ୱରାୟଙ୍କ ଆଦର୍ଶ ଓ ନିଷ୍ଠାକୁ ସ୍ମରଣ କରିବାକୁ ହେବ। କେବଳ ବୈଷୟିକ ଶିକ୍ଷା ଓ କ୍ଷମତା ନୁହେଁ, ବ୍ୟକ୍ତିତ୍ୱର ସମାହାର ଭଲ ମଣିଷ ଗଠନରେ ସହାୟକ ହୋଇଥାଏ। ମାନବିକତା ଓ ଶୃଙ୍ଖଳାକୁ ଅନୁସରଣ କଲେ ଆଗକୁ ଅଗ୍ରସର ସମ୍ଭବ। ବିଶ୍ୱବିଦ୍ୟାଳୟରୁ ସ୍ନାତକ ହୋଇ ବାହାରିବା ସହିତ ବାସ୍ତବିକ ବୃତ୍ତିଧାରୀର ଭୂମିକା ଗ୍ରହଣକରି ଯେକୌଣସି ସମସ୍ୟାର ପ୍ରତିକାର ପାଇଁ ଦକ୍ଷତା ଆହରଣ କରିବାକୁ ସଚିବ ପାଢ଼ୀ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପୁରାତନ ଛାତ୍ର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ, ମୁଖ୍ୟଅତିଥି ଡ. ଦାଶ, ତ୍ରୈଲୋକ୍ୟନାଥ ପଣ୍ଡା, ସୁକୁମାର ମିଶ୍ର ଓ ଇଂ. ବ୍ରହ୍ମାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଉତ୍କୃଷ୍ଟ ଫାକଲ୍‌ଟି ଭାବରେ ସହକାରୀ ପ୍ରଫେସର ଡ. ସନ୍ତୋଷ କୁମାର ମାଝି ଓ ସହଯୋଗୀ ପ୍ରଫେସର ଡ. ଜ୍ଞାନରଞ୍ଜନ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ୧୨୧୩ ଛାତ୍ରୀଛାତ୍ର ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଏବଂ ୬୦ଜଣ ପିଏଚ୍‌ଡି ହାସଲ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୯ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ଓ ୯ଜଣଙ୍କୁ ପ୍ରାୟୋଜିତ ସ୍ୱର୍ଣ୍ଣପଦକ ଦିଆଯାଇ ସମ୍ମାନିତ କରାଯାଇଥିଲା। ଅଙ୍କନ କୁମାର ରାଉତ ବିଶ୍ୱବିଦ୍ୟାଳୟ ଓ ପ୍ରାୟୋଜିତ ସ୍ୱର୍ଣ୍ଣପଦକ ସହ ମୋଟ ୪ଟି ସ୍ୱର୍ଣ୍ଣପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ବି-ଟେକ୍‌ର ଅଙ୍କନ କୁମାର ରାଉତ ଶ୍ରେଷ୍ଠ ସ୍ନାତକ ଓ ସିଏସ୍‌ଇର ସାକ୍ଷୀ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବରେ ପୁରସ୍କୃତ କରାଯାଇଥିଲା। ଡିନ୍ ପି.କେ. ହୋତା, ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସଞ୍ଜୟ ଅଗ୍ରୱାଲ, ସନୟ କୁମାର ପାତ୍ର, ପ୍ରଫେସର ଦେବଦତ୍ତ ମିଶ୍ର, ରସାୟନ ବିଭାଗର ପ୍ରମୁଖ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଚୋରି ବାଇକ୍ ଉଦ୍ଧାର, ୨ ଗିରଫ

ବେଲପାହାଡ଼,୨୮।୨(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୋଲିସ ଏକ ବାଇକ୍ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଲପାହାଡ଼ ଗୁମାଡେରା ନୂଆପଡ଼ାର ସାନି ପ୍ରଧାନ (୨୦) ଓ ଶିବା ସିଂ (୨୭)। ଏମାନଙ୍କଠାରୁ ଚୋରି ବାଇକ୍‌କୁ ପୋଲିସ ଉଦ୍ଧାର କରିଛି। ବେଲପାହାଡ଼ ଥାନାଧିକାରୀ ରଞ୍ଜନ ବିଶାଳଙ୍କ ସୂଚନାକ୍ରମେ, ବେଲପାହାଡ଼ ଲୁହୁରାପଡ଼ାରେ ରହୁଥିବା ପପୁ ସିଦାର ନାମକ ଯୁବକ କିଛିଦିନ ପୂର୍ବରୁ ବେଲପାହାଡ଼ ଆର୍‌ଆଇ କାର୍ଯ୍ୟାଳୟ ନିକଟରେ ନିଜ ବାଇକ୍ (ସି ଜି – ୧୩ ଏ ଏଲ – ୯୫୪୧)କୁ ଛିଡା କରି କାର୍ଯ୍ୟରେ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ଉକ୍ତ ବାଇକ୍‌କୁ ଏକ ମାଷ୍ଟର ଚାବି ଯୋଗେ ଖୋଲି ଚୋରି କରିଥିଲେ। ପପୁଙ୍କ ଅଭିଯୋଗ କ୍ରମେ ପୋଲିସ ଥାନାରେ ମାମଲା (ନଂ.୧୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏଏପିର ଧାରଣା


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ସମ୍ବଲପୁର,୨୮।୨(ବ୍ୟୁରୋ)

ବିଭିନ୍ନ ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମଙ୍ଗଳବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ମୁଖ୍ୟତଃ ସମ୍ବଲପୁର ମିଶନ ଶକ୍ତି ସହାୟକ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଓ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ଦୀଘ ୧୦ବର୍ଷ ଧରି ପ୍ରାୟ ୩୦ ହଜାର ଯୁବତୀଯୁବକ ମିଶନ ଶକ୍ତି ଯୋଜନାରେ ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କ ମିତ୍ର, ଏଲ୍‌ଏସ୍‌ପି ଭାବେ କାମ କରୁଛନ୍ତି। ଏମାନଙ୍କ ଚାକିରିକୁ ସ୍ଥାୟୀ କରିବା ସହ ଦରମା ବୃଦ୍ଧି କରିବା ଆବଶ୍ୟକତା ରହିଛି। ତେଣୁ ଚଳିତ ମାସ ୨୦ ତାରିଖରେ ୨୦ ହଜାର କର୍ମଚାରୀ ଭୁବନେଶ୍ୱର ଯାଇ ସରକାରଙ୍କ ବିରୋଧରେ ବିଶୋଦ୍‌ଗାର କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଲାଲମଣି ଲୁଗୁନ୍, ସମ୍ବଲପୁର ବିଧାନସଭା ସଭାପତି ଭୁପେନ ସାହୁ, କୁଚିଣ୍ଡା ବିଧାନସଭା ସଭାପତି ବିନୟ ତିର୍କି, ରେଢ଼ାଖୋଲ ସଭାପତି ଅଜୟ ସାହୁ, ରେଙ୍ଗାଲି ସଭାପତି କୁଞ୍ଜ ରୋହିଦାସ, ଉପସଭାପତି ଦେଓନିଶ ଲୁଗୁନ୍, ବିରେନ୍ଦ୍ର ପାଣିଗ୍ରାହୀ, ସୁବେସ ମୁଣ୍ଡା, ଦୀପକ ସହାୟ, ବୀର କିଶୋର ଭୋସାଗର, ସୁନୀଲ ମିର୍ଦ୍ଧା, ସୁସ୍ମିତା ମିର୍ଦ୍ଧା ପ୍ରମୁଖ ସାମିଲ ହୋଇଥିଲେ।

## ଖାଉଟି ସାମଗ୍ରୀ ବଣ୍ଟନ ଉପକେନ୍ଦ୍ର ଶୁଭାରମ୍ଭ

ପଡିଆବାହାଲ, ୨୮।୨(ଡି.ଏନ.ଏ.)

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତର ପଡିଆବାହାଲ ବଜାର ପ୍ରାଙ୍ଗଣରେ ମଙ୍ଗଳବାର ଏକ ଖାଉଟି ସାମଗ୍ରୀ ବଣ୍ଟନ ଉପକେନ୍ଦ୍ର ଶୁଭାରମ୍ଭ ହୋଇଛି। ଜିଲା ପରିଷଦ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସରସ୍ୱତୀ ଭୋସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ନୀଳାମ୍ବର ମହାନନ୍ଦ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପଣ୍ଡା, ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ମଗର, ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ ସଭାପତି ବିଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ସଂଯୋଜନା କରିଥିବା ବେଳେ ଶ୍ରୀକାନ୍ତ ମିଶ୍ର, ଯୋଗାଣ ସହାୟିକା କଳ୍ପନା ସାହୁ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ହୃଷୀକେଶ ବଗର୍ତ୍ତି ଧନ୍ୟବାଦ ଦେଇଥିଲେ।

## ବୀର ସୁରେନ୍ଦ୍ର ସାଏଙ୍କ ମହାପ୍ରୟାଣ ଦିବସ

ସମ୍ବଲପୁର,୨୮।୨(ବ୍ୟୁରୋ)

ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ମହାପ୍ରୟାଣ ଦିବସରେ ସମ୍ବଲପୁର ବୁଢ଼ାରଜା ପାହାଡ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତୀ ସମାଜ ଓ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ବୁଢାରାଜା ପାହାଡ଼ ରାସ୍ତା ଓ ଉଲଗୁଲାନ ସ୍ମାରକୀ ଅଞ୍ଚଳରେ ପ୍ଲାଷ୍ଟିକ ସାମଗ୍ରୀ ଓ ଆବର୍ଜନା ସଫେଇ କରାଯାଇଥିଲା। ଏଥିରେ ସମ୍ବଲପୁର ମହାନଗର ନିଗମର କର୍ମଚାରୀ ସାମିଲ ହୋଇଥିଲେ। ପରେ ଉଲଗୁଲାନ ସ୍ମାରକୀରେ ପୁଷ୍ପମାଲ୍ୟ ଦେଇ ବୀର ସୁରେନ୍ଦ୍ର ସାଏଙ୍କ ସ୍ୱାଧୀନତା ସଂଗ୍ରାମ ଓ ସହଯୋଗୀ ବୀର ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଭାରତୀ ସମାଜ ସମ୍ବଲପୁର ଶାଖା ସଂଯୋଜକ କାର୍ତ୍ତିକ ପ୍ରସାଦ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉଲଗୁଲାନ ସ୍ମାରକୀକୁ ଏକ ଉଦ୍ୟାନ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିପାଇଁ ପ୍ରତି ରବିବାର ସକାଳ ୮ ଟାରେ ଗୋଟିଏ ଘଣ୍ଟା ଶ୍ରମଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭାରତୀ ସମାଜର ସଞ୍ଚାଳକ ଭବାନୀଶଙ୍କର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁବୋଧ କୁମାର ଦୋରା, ସୁସ୍ମିତ କୁମାର ପଣ୍ଡା, କାନ୍ତି ମେହେର, ପଙ୍କଜିନୀ ମେହେର, ସୁରେନ୍ଦ୍ର ବଗର୍ତ୍ତୀ, ସରୋଜିନୀ ବନଛୋର, ଶାନ୍ତନୁ ପାଢୀ, ରାଜେଶ ବେହେରା, ରାଜେନ୍ଦ୍ର ସତନାମୀ, ରାଜେଶ ସ୍ୱାଇଁ, ତୃପ୍ତି ପଣ୍ଡା, ସ୍ୱାଧୀନ ମେହେର, ମେଘୁ ମୁଣ୍ଡା, ଅର୍ପିତା ବେହେରା, ଭାରତୀ ପଣ୍ଡା, ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର କର୍ଣ୍ଣ ସୁନା ପ୍ରମୁଖ ସାମିଲ ହୋଇଥିଲେ।

# ପାୱାର ଚ୍ୟାନେଲକୁ ଡେଇଁ ପୂର୍ବତନ ଭିସୁଟ୍ ଛାତ୍ରୀ ନିଖୋଜ


ଭିସୁଟ୍ କୁଳପତିଙ୍କଠାରୁ ସାର୍ଟିଫିକେଟ ଗ୍ରହଣ କରୁଛନ୍ତି ଚିନ୍ମୟୀ।

ସମ୍ବଲପୁର, ୨୮।୨(ବ୍ୟୁରୋ)

**ସମାବର୍ତ୍ତନ ଉତ୍ସବରେ ସାର୍ଟିଫିକେଟ ଗ୍ରହଣ କରିଥିଲେ**

ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ୍‌ର ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ୫୩ ନଂ. ଜାତୀୟ ରାଜପଥର ସ୍ଥାନୀୟ ପିସି ବ୍ରିଜ୍ ଉପରୁ ପାୱାର ଚ୍ୟାନେଲକୁ ଡେଇଁ ପଡ଼ିଛନ୍ତି। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରାୟ ଦେଢ଼ଘଣ୍ଟା ଧରି ଅନୁସନ୍ଧାନ ଚଳାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ବିଳମ୍ବିତ ରାତି ହୋଇଥିବାରୁ ଖୋଜାଖୋଜି କାମରେ ବାଧା ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନା ଅନୁସାରେ ଚିନ୍ମୟୀ ଭିସୁଟ୍‌ରେ ଆଇଟିରେ ପାସ୍ କରିବା ପରେ କ୍ୟାମ୍ପସରେ ଚୟନ ହୋଇ କୌଣସି ଏକ କମ୍ପାନୀରେ ଚାକିରି କରିଥିଲେ। ମଙ୍ଗଳବାର ଭିସୁଟ୍‌ର ସମାବର୍ତ୍ତନ ଉତ୍ସବରେ ସେ ଯୋଗଦେଇ ନିଜ ସାର୍ଟିଫିକେଟ ଗ୍ରହଣ କରିଥିଲେ। ପରେ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଖୁସି ମନାଇଥିଲେ। ରାତି ପ୍ରାୟ ୧୦ଟା ସମୟରେ ସେ ବୁର୍ଲା ପିସି ବ୍ରିଜ୍ ଛକରେ ଭୁବନେଶ୍ୱର ଯିବା ପାଇଁ ଅନ୍ୟ ସାଙ୍ଗମାନଙ୍କ ସହ ଅପେକ୍ଷା କରିଥିଲେ। ହଠାତ୍ କୌଣସି କାରଣରୁ ତାଙ୍କ ସାଙ୍ଗମାନଙ୍କ ସହ ଝଗଡ଼ା ହୋଇଥିଲା। ପରେ ସେ ବ୍ରିଜ୍ ଉପରୁ ପାଣିକୁ ଡେଇଁପଡିଥିଲେ। ସାଙ୍ଗରେ ତାଙ୍କ ପୁରୁଷ ବନ୍ଧୁ ଓ ଅନ୍ୟ ସାଙ୍ଗମାନେ ଥିବା ଆଲୋଚନା ହେଉଛି।

# ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

ସମ୍ବଲପୁର/କୁଚିଣ୍ଡା/ନାକଟିଦେଉଳ (ବ୍ୟୁରୋ/ଡି.ଏନ.ଏ.)


କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜାତୀୟବିଜ୍ଞାନଦିବସ ଉପଲକ୍ଷେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ବିଜ୍ଞାନ ପରିଷଦ ପକ୍ଷରୁ ମଙ୍ଗଳବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜିତ କୁମାର ସାହୁ ମୁଖ୍ୟଅତିଥି ଓ ଭିସୁଟ୍‌ର ପ୍ରଫେସର ଶରତ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକୃତି ମଧ୍ୟରେ ବିଜ୍ଞାନର ଅବସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଜୟିନୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଜୀତେନ କୁମାର ମିଶ୍ର ଓ ଡ. ନୌବିହାରୀ ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ, ମହମ୍ମଦ ଜାଭେଦ ଓ ପବିତ୍ର ମୋହନ ବେହେରା, ଡ. ସୁବାସ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବାମରା ବ୍ଲକ ଜରାବଗା ପଞ୍ଚାୟତ ରଙ୍ଗବତୀ ବିଲୁଙ୍ଗ ଗ୍ରାମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଶିବ କୃଷ୍ଣ ବେହେରା ମୁଖ୍ୟଅତିଥି, ଶିକ୍ଷା ବିକାଶ ସମିତି ଓଡିଶା ଗଣେଶ୍ୱର ପାତ୍ର ମୁଖ୍ୟ ବକ୍ତା, ବିଦ୍ୟା ମନ୍ଦିର ସମ୍ପାଦକ ବିହାରୀ ଲାଲ ଚୌହାନ, ସଭାପତି ଅନନ୍ତ କୁମାର ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିରର ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ସେନାପତି ଧନ୍ୟବାଦ ଦେଇଥିଲେ।

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା ବୈଜ୍ଞାନିକମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଶିଶୁମାନଙ୍କଠାରେ ବୈଜ୍ଞାନିକ ଚିନ୍ତାଧାରା କିପରି ସୃଷ୍ଟି ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନର ଶିଶୁମାନଙ୍କ ଦ୍ୱାରା ୫୬ଟି ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବେଆଇନ ପାର୍କିଂ କଲେ କାର୍ଯ୍ୟାନୁଷ୍ଠାନ ନିଅ

**ଜିଲାସ୍ତରୀୟ ସଡ଼କ ନିରାପତ୍ତା ବୈଠକ**

ସମ୍ବଲପୁର,୨୮।୨(ବ୍ୟୁରୋ)


ଜିଲାପାଳଙ୍କ ଅଧ୍ୟକ୍ଷତାରେ ଚାଲିଥିବା ବୈଠକ ।

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଏସ୍‌ଏସ୍ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସଡ଼କ ନିରାପତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଏଥିରେ ଅଧ୍ୟକ୍ଷତା କରି ବେଆଇନ ପାର୍କିଂ, ଟ୍ରାଫିକ ଲାଇଟ୍, ଅଇଁଠାପାଲିରୁ ରେମେଡ଼ ପର୍ଯ୍ୟନ୍ତ ବେଆଇନ ଜବରଦଖଲ, ଛକଗୁଡ଼ିକୁ ସଂଯୋଗ କରୁଥିବା ପଏଣ୍ଟରେ ରମ୍ବର୍ସ ଲଗାଇବା, ରାସ୍ତାପାର୍ଶ୍ୱ ଗଛ କାଟିବା ବ୍ୟତୀତ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଅନ୍ୟ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଇଁଠାପାଲି ଛକରେ ବାରମ୍ବାର ଘଟୁଥିବା ଦୁର୍ଘଟଣା ସଂକ୍ରାନ୍ତରେ ଆଲୋଚନା ହେଇଥିଲା। ୨୦୨୧ ଜାନୁୟାରୀ ୧ରୁ ୩୧ ଡିସେମ୍ବର ମଧ୍ୟରେ ୫୭୧ ଦୁର୍ଘଟଣା ଘଟି ୨୧୭ ଜଣଙ୍କ ମୃତ୍ୟୁ ହେଇଥିବାବେଳେ ୩୫୪ ଜଣ ଆହତ ହେଇଛନ୍ତି। ୨୦୨୨ ଜାନୁୟାରୀ ୩୧ରୁ ଏପର୍ଯ୍ୟନ୍ତ ୫୦ ଦୁର୍ଘଟଣା ଘଟି ୧୩ ଜଣଙ୍କ ମୃତ୍ୟୁ ଓ ୩୭ଜଣ ଆହତ ହୋଇଥିବା ଦର୍ଶାଯାଇଥିଲା। ଜିଲାର ଦୁର୍ଘଟଣା ପ୍ରବଣ ଜାତୀୟ ରାଜପଥ ୫୩ର ଅଇଁଠାପାଲି ବସ୍‌ଷ୍ଟାଣ୍ଡ ପାଖ, ବରେଇପାଲି ଛକ, ମଦନବତି ସ୍କୁଲ ସାମ୍ନା, ବୁର୍ଲା ଥାନାର ଗୋଲଗୁଣ୍ଡା/ପିସି ବ୍ରିଜ, ଧନୁପାଲି ଥାନାର ସର୍ଲା ଛକ, ଟାଙ୍ଗରପାଲି ବ୍ରିଜ, ଖଲିଆପାଲି, ଧମା ଥାନାର ରାଜ୍ୟ ରାଜପଥ ୧୫ ଅନ୍ତର୍ଗତ ଭତରା ପାଖ, ସାହସପୁର ପାଖ, ବରଗାଁ ଛକରୁ ଶାନ୍ତି ରାଇସ ମିଲ, ଗୋବିନ୍ଦପୁରା ଥାନା ଅଞ୍ଚଳର ଘଉସରା ଓ ଡୁମେରମୁଣ୍ଡା ଛକ ପ୍ରତି ବିଶେଷ ଦୃଷ୍ଟି ଦେଇ ପ୍ରତିକାର କରିବା ନିମନ୍ତେ ଜିଲାପାଳ ଦାସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର ମହାନଗର ଅଞ୍ଚଳରେ ପାର୍କିଂ ସମସ୍ୟା ସମାଧାନ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରିବାକୁ ଜିଲାପାଳ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ବେଆଇନ ପାର୍କିଂ କରିଥିବା ଗାଡି ମାଲିକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାଫିକ ନିୟମକୁ ସମସ୍ତ ଜନସାଧାରଣ ମାନିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଖବରଦାତା ପ୍ରମୋଦ କୁମାର ପଟ୍ଟନାୟକ, ଜାତୀୟ ରାଜପଥ ସମ୍ବଲପୁର ଡିଭିଜନର ଶ୍ୟାମ ସୁନ୍ଦର ପି. ରାମ, ସମ୍ବଲପୁର ଚନ୍ଦନ କୁମାର ରଥ, ପିଡି କେ. ନାଗେଶ୍ୱର ରାଓ, ମ୍ୟାନେଜର ନିତିନ କୁମାର ଗୁପ୍ତା, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଜୁନିଅର ଏମ୍‌ଭିଆଇ ଧର୍ମେନ୍ଦ୍ର କୁମାର ଦେହୁରି, ଅନିଲ କୁମାର ସାମଲ, ଇନ୍ସପେକ୍ଟର ଏକ୍ସସାଇଜ ପବିତ୍ର ମୋହନ ମାଝି, ଘରୋଇ ବସ୍ ସଙ୍ଘ ସଭାପତି ସୁବ୍ରତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ୱଚ୍ଛଭାରତ ମିଶନ ପଞ୍ଚାୟତ, ବ୍ଲକସ୍ତରୀୟ କର୍ମଶାଳା



ଦେଓଗାଁ,୨୮।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ମଙ୍ଗଳବାର ସ୍ୱଚ୍ଛଭାରତ ମିଶନ ପଞ୍ଚାୟତ ଓ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ପୁଷ୍ପାଞ୍ଜଳି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଜିଲା ପରିଷଦ କାର୍ଯ୍ୟାଳୟର ଏସିଡିଓ ଗୁଣନିଧି ନାଏକ ଯୋଗଦେଇଥିଲେ। ସ୍ୱଚ୍ଛଭାରତ ମିଶନ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିବାସହ ସ୍ୱଚ୍ଛ ପଞ୍ଚାୟତ ଗଠନ ପାଇଁ ଏକଖାତ ଶୌଚାଳୟକୁ ଦୁଇଖାତ ବିଶିଷ୍ଟ କରିବା ଉପରେ ଏସିଡିଓ ନାଏକ ସୂଚନା ପ୍ରଦାନ କରିଥିଲେ । ଏହାସହ ଆବର୍ଜନା କୁଣ୍ଡ ନିର୍ମାଣର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ୨୬ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସରପଞ୍ଚ ଉପସ୍ଥିତ ଥିଲେ ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଳ,୨୮।୨(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନକୁଳ ଶବର ମଙ୍ଗଳବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧକ୍ଷତାରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ତଥା ଉପହାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଅଶୋକ କୁମାର ବେହେରା ମାନପତ୍ର ପାଠ କରିଥିଲେ। ସମାରୋହରେ ପ୍ରଧାନ ଶିକ୍ଷକଙ୍କ ସ୍ତ୍ରୀ ନୀଳେନ୍ଦ୍ରି ଶବର, ସୁଶ୍ରୀ କୁନ୍ତି ଶବର ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରୀ ଶଙ୍କର ଦୁବେ, ପ୍ରଶାନ୍ତ କୁମାର ପଣ୍ଡା, ରତନ ସିଂ ବାରିକ, ନୀଳିମା ରାଣୀ ସାଗର, ପ୍ରଭୁଦତ୍ତ ପୁରୋହିତ, ଧୀରଜ ଭୋଇ, ଆଶିଷ ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ଦମୟନ୍ତୀ ବିଶି ପ୍ରମୁଖ ପ୍ରଧାନ ଶିକ୍ଷକଙ୍କ ସ୍ମୃତି ଚାରଣ କରିଥିଲେ।

### ଅବୁଜବାହାଲ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ



କର୍ଲାମୁଣ୍ଡା,୨୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଅବୁଜବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭବାନୀ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ କୌଶିକ ବାବା ଡିଗ୍ରୀ କଲେଜ ଅଧକ୍ଷ୍ୟା ଲିପ୍ସାମୟୀ ଦୁବେ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଗୋଷ୍ଠୀ ଶିକ୍ଷା ଅଧିକାରୀ ତପୀମଣି ଜାନି, ଗଜବାହାଲ ସରପଞ୍ଚ ଅରବିନ୍ଦ ଗହୀର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବାଳକୃଷ୍ଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମକରନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସଫଳତା ହାସଲ ପାଇଁ ଲକ୍ଷ୍ୟ ରଖି ପଢିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସହକାରୀ ଶିକ୍ଷକ ଦୁଷ୍ମନ୍ତ ଲେଙ୍କା ବିବରଣୀ ପାଠ ସହ ପୁରସ୍କାର ବିତରଣ ସଭା ସଂଯୋଜନା କରିଥିଲେ। ସଭାରେ ନରୋତ୍ତମ ସେଲମା ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧୁସୂଦନ ବାଗ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷୟିତ୍ରୀ ଚଞ୍ଚଳାଭୁଏ, ଶିକ୍ଷକ ପିତାମ୍ବର ସାହୁଙ୍କ ସମେତ କମିଟି ସଭ୍ୟାସଭ୍ୟ, ଅଭିଭାବିକାଅଭିଭାବକ ପୁରାତନ ଛାତ୍ରୀଛାତ୍ର ତଥା ଗ୍ରାମବାସୀ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

ନୂଆପଡ଼ା ଅଫିସ,୨୮।୨

ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରାଙ୍ଗଣରେ ଆଶା ଓ ଗାଁ କଲ୍ୟାଣ ସମିତିର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ଦୀପିକା କୌଶଲ୍ୟା, ଜିଲାପାଳ ହେମକାନ୍ତ ସାଏ, ଆରକ୍ଷୀ ଧୀକ୍ଷକ ଜିଆର ରାଘବେନ୍ଦ୍ର, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନକୁମାରୀ ଲମ୍ଭୁ, ଡିପିଏମ ଦିଲୀପ ଦୁବେ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।



ଉପସ୍ଥିତ ଅତିଥି ବୃନ୍ଦ।

ସମ୍ମିଳନୀରେ ଆଶା କର୍ମୀମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଅତିଥିମାନେ ପ୍ରଶଂସା କରିଥିଲେ। ଆଶାମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ନିରୀକ୍ଷଣ କରି ପୁରସ୍କୃତ କରିଥିଲେ। ସର୍ବଶ୍ରେଷ୍ଠ ବା ପ୍ରଥମ ଭାବେ ଲକ୍ଷ୍ମୀ ଦଣ୍ଡସେନାଙ୍କୁ ପୁରସ୍କୃତ ହୋଇଥିବା ବେଳେ କୁମୁଦିନୀ ନାୟକ, ଯମୁନା ରାଉତ ଦ୍ୱିତୀୟ ଓ ସରୋଜୀନି ନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି

## ଆଶାକର୍ମୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା

ପିପିଆଇ ଇଉସିଡିଓ ଅସ୍ତ୍ରୋପଚାର କ୍ଷେତ୍ରରେ ଧନମତୀ ତାଣ୍ଡି, ତୁଳସେ ହନସ ଓ ଅହଲ୍ୟା କାନ୍ତ ଶ୍ରେଷ୍ଠ ଆଶା ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ପାଇଁ ପ୍ରତ୍ୟେକ ବ୍ଲକରୁ ଗୋଟିଏ ଲେଖାଏ ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଥିଲା। ଜିଲାରେ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ରୋକିବାରେ ପାଇଁ ଆଶାକର୍ମୀ, ଅଙ୍ଗନୱାଡି ଓ ଗାଁ କଲ୍ୟାଣ ସମିତି ଭୂମିକା ଅନନ୍ୟା ସମସ୍ତେ ତୃଣମୂଳସ୍ତରରେ ନିଜ କ୍ଷେତ୍ରରେ ଭଲ କାମ କରି ପ୍ରଶଂସିତ ହୋଇଛନ୍ତି।

# ଆଜାଦୀ କା ଅମୃତ ମହୋତ୍ସବ, ମିଶନ ଲାଇଫ ଉଦ୍‌ଯାପିତ




କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର।

ଭବାନୀପାଟଣା,୨୮।୨(ସ୍ୱ.ପ୍ର.)

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭବାନୀପାଟଣା ପକ୍ଷରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଚାଲିଥିବା ଆଜାଦୀ କା ଅମୃତ ମହୋତ୍ସବ ଓ ମିଶନ ଲାଇଫ ଶୀର୍ଷକ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ମୁକ୍ତି ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ସ୍ଥାନୀୟ ତଥା ଦେଶର ବିଭିନ୍ନ ଭାଗର ଅପରିଚିତ ଯୋଦ୍ଧାଙ୍କ ଆଦର୍ଶ, ଦେଶ ପ୍ରତି ଅବଦାନକୁ ସ୍ମରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସହକାରୀ ପ୍ରାଧ୍ୟାପକ ଡ଼. ଖୁସବୁ ଅଗ୍ରୱାଲ ଜଳ ସଞ୍ଚୟ, ଶକ୍ତି ସଞ୍ଚୟ ଏବଂ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବର୍ଜନ କରିବା ସଙ୍ଗେ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିବା ବେଳେ ଡ.ବୀରେନ୍ଦ୍ର ସୁନା ସହକାରୀ ପ୍ରାଧ୍ୟାପକ ମିଲେଟ ମିଶନ ଉପକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ଭାରତର ଅଧକ୍ଷତାରେ ହେଉଥିବା ଜି-୨୦ର ମହତ୍ୱ ଓ ଏହା କିଭଳି ଭାବେ ଭାରତର ବିକାଶରେ ସହାୟକ ହେବ ଡ଼. ସରିତା ବାଗ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଭାଗ ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ୨୧ଜଣ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ କୁଳପତି ଡ଼. ସଞ୍ଜୟ ଶତପଥୀ ସମ୍ମାନିତ କରିବା ସହ ଦେଶର ବିକାଶରେ ନିଜର ଶ୍ରେଷ୍ଠ କର୍ତ୍ତବ୍ୟ ପ୍ରତିପାଦନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭବାନୀପାଟଣା ଡାକ ବିଭାଗ ଅଧୀକ୍ଷକ ରାଜକିଶୋର ମହାରଣା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର, କ୍ଷେତ୍ରୀୟ ଅଧିକାରୀ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ ।

## ଜାତୀୟ ବିଜ୍ଞାନ ଦିବସ

ଟିଟିଲାଗଡ଼, ୨୮।୨(ଡି.ଏନ.ଏ.)

ଟିଟିଲାଗଡସରସ୍ୱତୀଶିଶୁମନ୍ଦିରରେଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠଙ୍କ ଉପସ୍ଥିତିରେ ବିଦ୍ୟାଳୟର ମାଧ୍ୟମିକ ବିଭାଗ ପ୍ରମୁଖ କୈଳାସ ଚନ୍ଦ୍ର ସାହୁ ଜାତୀୟ ବିଜ୍ଞାନ ଦିବସ ପାଳନର ମହତ୍ୱ ସମ୍ପର୍କରେ କହିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଜାତୀୟ ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ଏବଂ ସି.ଭି.ରମଣଙ୍କ ଜୀବନୀ ସମ୍ପର୍କରେ ବକ୍ତୃତା ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶିଶୁମାନଙ୍କୁ ମାନବ ସମାଜକୁ ବିଜ୍ଞାନର ଅବଦାନ ବିଷୟରେ କହିଥିଲେ। ଏହି ଅବସରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା ।

## ଲୋକଦୃଷ୍ଟି କଲେଜର ବାର୍ଷିକ ଉତ୍ସବ

ଖଡ଼ିଆଳ,୨୮।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡାସ୍ଥିତ ଲୋକ ଦୃଷ୍ଟି ଏଡଭାନସ ଟେକ୍ନୋଲୋଜି କଲେଜ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଆୟକର ବିଭାଗ କମିସନର ଶ୍ରୀକାନ୍ତ ଚଟାର୍ଜୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ନୂଆପଡ଼ା ନ୍ୟାଶନାଲ କଲେଜ ପୂର୍ବତନ ଅଧକ୍ଷ ଡ଼ା ମେଜର ରାମଚନ୍ଦ୍ର ମିଶ୍ର, ଖଡ଼ିଆଳ କଲେଜ ପୂର୍ବତନ ଅଧକ୍ଷ ସୁପ୍ରିୟ ଚଟାର୍ଜୀ, କଣ୍ଟାବାଞ୍ଜି କେଭି କଲେଜ ଅଧ୍ୟାପକ ଲୋହିତାକ୍ଷ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ କିପରି ନିଜ ଉଜ୍ଜଳ ଭବିଷ୍ୟତ ଗଢିବେ ଏବଂ ନିଜ ଗ୍ରାମ ତଥା ଜିଲା ଏବଂ କଲେଜର ନାମ ଶିକ୍ଷା କ୍ଷେତ୍ରରେ ଆଗକୁ ବଢାଇ ପାରିବେ ସେ ନେଇ ମତପ୍ରକାଶ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋକ ଦୃଷ୍ଟି କଲେଜ ଅଧକ୍ଷ ତାପସରଞ୍ଜନ ପାଣିଗ୍ରାହୀ, ଅଧ୍ୟାପକ ହେମା ରଞ୍ଜନ ପୋଢ଼, ତିଲୋଚନ ଜଗତ, ଯଷୋବନ୍ତ ପୁଞ୍ଜି, ଶାଶତ ଚଲାନ, ଶିବାନୀ ମୁଣ୍ଡ, ଶ୍ୱେତା ମହାପାତ୍ର, ଉଦିତ ତାଣ୍ଡି, ଶୋଭିତ ମିଶ୍ର, ଚୂଡାମଣି ସାହୁ, ରୁପେଶ ବୈଠାରୁ, ରାଜେନ୍ଦ୍ର ହଂସ, ସୁମିଟ ଠାକୁର ପ୍ରମୁଖ ଉପସ୍ଥିତ ରହିଥିଲେ।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲୋଇସିଂହା,୨୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ୨୦୦୯ରେ କ୍ରୀଡା ଶିକ୍ଷକ ବାଗ ସ୍କୁଲରେ ଯୋଗଦେଇଥିଲେ। ୧୪ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସ୍କୁଲର ସୁନ୍ଦର ପରିବେଶ ସୃଷ୍ଟି କରିବା ସହ କ୍ରୀଡା କ୍ଷେତ୍ରରେ ବହୁ ଦକ୍ଷ କ୍ରୀଡାବିତ ସୃଷ୍ଟି କରି ସ୍କୁଲର ଗୌରବ ବଢାଇଛନ୍ତି। ସ୍କୁଲ ପ୍ରତି ତାଙ୍କ ଅବଦାନ ସବୁବେଳେ ମନେ ରହିବ ବୋଲି ପ୍ରଧାନଶିକ୍ଷକ ତ୍ରିପାଠୀ ତାଙ୍କ ଅଭିଭାଷଣରେ କହିଥିଲେ। ସଭାରେ ଏବିଡିଓ ରଶ୍ମିମତି ତ୍ରିପାଠୀ, ପ୍ରାକ୍ତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ନାଥ, ସହକର୍ମୀ ତଥା ଆଇଁଲାସାରୀ ସ୍କୁଲର ପ୍ରଧାନଶିକ୍ଷକ ବୁଦ୍ଧୁ ପଧାନ, ଝାରମୁଣ୍ଡା ସ୍କୁଲ ପ୍ରଧାନଶିକ୍ଷକ କପିଳେଶ୍ୱର କୁମ୍ଭାର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କୁ ସ୍କୁଲ ତରଫରୁ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ଡୋଲାମଣୀ ସାହୁ ସ୍ୱାଗତ ଅଭିଭାଷନ ଏବଂ ଡିଲେଶ୍ୱରୀ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅବସରପ୍ରାପ୍ତ ଶିକ୍ଷକ ବାଗଙ୍କୁ ଛାତ୍ରୀଛାତ୍ର ଓ ସହକର୍ମୀ ଏକ ଶୋଭାଯାତ୍ରାରେ ଯୋଗୀସର୍ଡା ବସ୍ତି ପରିକ୍ରମ କରାଇ ଘରେ ଛାଡିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସା, ଆଲୁମିନି ସଦସ୍ୟ ରଙ୍କ ପଣ୍ଡା ଏବଂ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ କର୍ମଚାରୀ ବୈଷ୍ଣବ ଷଡଙ୍ଗୀ, କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଅବସରପ୍ରାପ୍ତ କ୍ରୀଡା ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଉଛି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଆଶିଷ



@ ବବୁଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିଶୁମନ୍ଦିରରେ ବିଜ୍ଞାନ ଦିବସ ପାଳିତ



ବିଜ୍ଞାନ ଦିବସ ଅବସରରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ଦେଓଗାଁ ,୨୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଧବଳେଶ୍ୱର ସାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ମିଶ୍ର ଯୋଗଦେଇ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ପ୍ରମୁଖ ସମ୍ବିତ ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚତୁର୍ଥରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହାସହ ଶିଶୁ ଭାଇ ଭଉଣୀ ମାନଙ୍କୁ ନେଇ ବିଜ୍ଞାନ ସମ୍ବନ୍ଧିୟ କ୍ୱିଜ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଲମ୍ବୋଦର ମନହୀରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର ଅଫିସ, ୨୮।୨

ବଲାଙ୍ଗୀର ଆମ୍ ଆଦମୀ ପାର୍ଟି(ଏଏପି)ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମିଶନ ଶକ୍ତିରେ ସହାୟକ ଷ୍ଟାଫ ଭାବରେ କାମ କରୁଥିବା ଏମ୍‌ବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କମିତ୍ରମାନେ ଦୀର୍ଘ ୧୦ ବର୍ଷ ଧରି କାମ କରଛନ୍ତି। ହେଲେ ସେମାନଙ୍କ ଚାକିରି ସ୍ଥାୟୀ କରା ଯାଇନାହିଁ କିମ୍ବା ଦରମା ବୃଦ୍ଧି କରା ଯାଉନି। ଆଗାମୀ ଦିନରେ ଏ ଦାବି ପୂରଣ ନହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଶିଷ ପାଣ୍ଡେ, ସୁରଥ ବେହେରା, ସଦାଶିବ ମେହେର, ରମାକାନ୍ତ ବେହେରା, ଅଶୋକ ସୁନା, ଜୟପ୍ରକାଶ ମିଶ୍ର, ସମ୍ରାଟ ଭୋଇ, ଶଙ୍କର ପ୍ରସାଦ ନାଗ, ସୁରେଶ ମହାନନ୍ଦ, ଗଜପତି କଲେଇ, ସରୋଜ ସାମଲ, ଲଳିତ ସାହୁ, ରମଞ୍ଜାଲ ଦୀପ, ସସ୍ମିତା କୁରା ପ୍ରମୁଖ ଉପସ୍ଥିତ ଥିଲେ ।



ଆମ ଆଦମୀ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

## ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନିୟମିତ, ଦରମା ବୃଦ୍ଧି ଦାବି

ନୂଆପଡ଼ା ଅଫିସ,୨୮।୨

ନୂଆପଡା ଜିଲାରେ କାର୍ଯ୍ୟରତ ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ସ୍ଥାୟୀ ଚାକିରି ଓ ଦରମା ବୃଦ୍ଧି ଦାବିରେ ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନୂଆପଡା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୧୦ ବର୍ଷ ହେବ ମିଶନ ଶକ୍ତିରେ ସହାୟକ ଷ୍ଟାଫ ଭାବେ କାମ କରୁଥିବା ଏମବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର ଓ ବ୍ୟାଙ୍କମିତ୍ରମାନଙ୍କୁ ସ୍ଥାୟି କରିବା ଓ ଦରମା ବୃଦ୍ଧି ନ ହେବା ଅତି କ୍ଷୋଭର ବିଷୟ। ବିଜେଡି ସରକାର ଖୋଦ ଏହି ପଦବୀ ପ୍ରସ୍ତୁତ କରି ନିଯୁକ୍ତ କରି ମଧ୍ୟ ଏମାନଙ୍କୁ ସ୍ଥାୟି କିମ୍ବା ଦରମା ବୃଦ୍ଧି କରୁ ନ ଥିବାରୁ କର୍ମଚାରୀ ବିରୋଧୀ ସରକାର ବୋଲି ଏଏପି ଅଭିଯୋଗ କରିଛି। ୨୦ ହଜାର ଏମବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କମିତ୍ର ଓ ଏଲଏସପିମାନେ ଦାବି ପୂରଣ ପାଇଁ ଫେବୃୟାରୀ ୨୦ରେ ରାଜରାସ୍ତାକୁ ଓହ୍ଲାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟରତ ମିଶନ ଶକ୍ତି ସପୋର୍ଟ ଷ୍ଟାଫଙ୍କୁ ଅଧିକରୁ ଅଧିକ କାର୍ଯ୍ୟ ଦେଇ ଖଟାଉଛନ୍ତି। ଏମାନଙ୍କୁ ଶୀଘ୍ର ନିୟମିତ କରିବା ସହ ଦରମା ବୃଦ୍ଧି କରାଯାଉ ବୋଲି ଏଏପି ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଏଏପି ନୂଆପଡା ଆବାହକ ଶୋକନାଥ ସେନାପତି, ଲକ୍ଷ୍ମୀକାନ୍ତ ତାଣ୍ଡି, କୈଳାଶ ରାଉତ, ମେଘନାଥ ମାଝି, ଶିବ ପ୍ରସାଦ କୁଳଦୀପ, କ୍ଷମାସିଂ ସା, ଟିକେଲାଲ ପଟେଲ, ପିଲକନ ହଂସ ପ୍ରମୁଖ ଉପସ୍ଥିତ ରହିଥିଲେ।



ଦାବିପତ୍ର ଦେବା ପାଇଁ ଆସିଥିବା ଏଏପି କର୍ମୀମାନେ।

## ସଂକ୍ଷେପରେ

### ଆଜି ରାଉରକେଲା ବନ୍ଦ

ରାଉରକେଲା ଅଫିସ,୨୮।୨

ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲକୁ ଘରୋଇ ସଂସ୍ଥା ଆପୋଲୋକୁ ହସ୍ତାନ୍ତରକୁ ବିରୋଧ କରି ରାଉରକେଲା ନାଗରିକ ସୁରକ୍ଷା କମିଟି ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ରାଉରକେଲା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସହରର ବିଭିନ୍ନ ସାମାଜିକ ସଙ୍ଗଠନ, ରାଜନୈତିକ ଦଳ ଓ ଶ୍ରମିକ ସଙ୍ଗଠନ ସମର୍ଥନ କରୁଛନ୍ତି। ଏହାକୁ ସଫଳ କରିବା ପାଇଁ କମିଟି ପକ୍ଷରୁ ମଙ୍ଗଳବାର ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ନାଗରିକ ସୁରକ୍ଷା କମିଟି ସଦସ୍ୟ ବିଷ୍ଣୁ ମହାନ୍ତି, ହରିହର ରାଉତରାୟ, ସଞ୍ଜୀବ ମହାନ୍ତି, ବିମାନ ମାଇତି, ସୁରେଶ ଚନ୍ଦ୍ର ମାଝୀ, ପ୍ରଶାନ୍ତ ସେଠୀ ପ୍ରମୁଖ ଶତାଧିକ କର୍ମକର୍ତ୍ତା ରାଲିରେ ସାମିଲ ହୋଇଥିଲେ। ଏହି ରାଲି ବିଶ୍ରା ଛକରୁ ଆମ୍ବେଡ଼କର ଛକ ଯାଏ ହୋଇଥିଲା। ତେବେ ବନ୍ଦ ଡାକରାରୁ ଜରୁରୀକାଳୀନ ସେବାକୁ ବାଦ୍ ଦିଆଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

### ଆର୍‌ଏସପିକୁ ରାଜ୍ୟ ଉତ୍ପାଦକତା ଉତ୍କର୍ଷ ପୁରସ୍କାର

ରାଉରକେଲା ଅଫିସ,୨୮।୨

ଓଡିଶା ରାଜ୍ୟ ଉତ୍ପାଦକତା ଉତ୍କର୍ଷତା ପୁରସ୍କାର କାର୍ଯ୍ୟକ୍ରମରେ ମହାରତ୍ନ ସେଲ୍ ଆର୍‌ଏସ୍‌ପିକୁ ମିଳିଛି ଗୌରବ। ଏହି ପ୍ରତିଯୋଗିତାରେ ଆର୍‌ଏସପିର ୪ଟି ଗୁଣବତା ମଣ୍ଡଳୀ ଅଂଶଗ୍ରହଣ କରି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟ ଉତ୍ପାଦକତା ଉତ୍କର୍ଷତା ପୁରସ୍କାର ହାସଲ କରିଛି। ତେବେ ଆର୍‌ଏସପିର ସମାଧାନ ଗୁଣବତ୍ତା ମଣ୍ଡଳୀକୁ ଏହି ଡିବେଡ୍‌ର ମୂଲ୍ୟାୟନ ପାରିଦର୍ଶିତାରେ ୫ ତାରକା ମିଳିଥିବା ବେଳେ ପରିବର୍ତ୍ତନ ଓ ସକ୍ଷମ ମଣ୍ଡଳୀକୁ ୪ତାରକା ମିଳିଥିଲା। ସେହିପରି ରୁଦ୍ର ଗୁଣବତ୍ତା ମଣ୍ଡଳୀକୁ ୩ ତାରକା ମିଳିଥିଲା। ଜାତୀୟ ଉତ୍ପାଦକତା ପରିଷଦ ତରଫରୁ ଗତ ୨୫ ତାରିଖରେ ଆୟୋଜିତ ଉତ୍ପାଦକତା ହାସଲ ଦିବସ ଅବସରରେ ଆର୍‌ଏସ୍‌ପି ମଣ୍ଡଳୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଖଣ୍ଡପଡା ବିଧାୟକ ସୋମ୍ୟରଞ୍ଜନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଥିଲେ।

# କ୍ରୀଡ଼ାଶିକ୍ଷା, କ୍ରୀଡ଼ାବିତ୍ ବିନା ଶିକ୍ଷାନୁଷ୍ଠାନ ଅସମ୍ପୂର୍ଣ୍ଣ



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀଗଣ।

ରାଉରକେଲା ଅଫିସ,୨୮।୨

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫୦ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ। ସୋମବାର କଲେଜ ଅଧକ୍ଷ ପ୍ରଫେସର ପରେଶ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମୋଟ୍ ୪୪ଟି ଖେଳ ପ୍ରତିଯୋଗିତା ହୋଇଥିଲା। କୃତୀ କ୍ରୀଡାବିତ୍‌ମାନଙ୍କୁ ମାନପତ୍ର ସହ ମୋମେଣ୍ଟୋ ପ୍ରଦାନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ବରିଷ୍ଠ ହକି କୋଚ୍ କାଳୁଚରଣ ଚୌଧୁରୀ ମୁଖ୍ୟ ଅତିଥି, ସତ୍ୟରଞ୍ଜନ ପଣ୍ଡା, ଅଜୟ କୁମାର ରାଉତ, ସନ୍ଧ୍ୟାରାଣୀ ପରିଜା, ଅନ୍ତର୍ଜାତୀୟ ହକି ଅଫିସିଆଲ ଏନ୍. ଜ୍ୟୋତି ମହାନ୍ତି ଏବଂ ଓମ୍ ବାହାଦୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ରୀଡ଼ାଶିକ୍ଷା ଓ କ୍ରୀଡାବିତ୍ ବିନା ଶିକ୍ଷାନୁଷ୍ଠାନ ଅସମ୍ପୂର୍ଣ୍ଣ। ଏଣୁ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରୀଛାତ୍ର ଉଭୟ କ୍ରୀଡ଼ାରେ ରୁଚି ରଖିବା ଆବଶ୍ୟକ ବୋଲି ମୁଖ୍ୟଅତିଥି କହିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଯୁକ୍ତ ୨ ବାଳକ ବର୍ଗର ରୋହିତ ଟିଗା ଏବଂ ବାଳିକା ବର୍ଗର ସରସ୍ୱତୀ ବଡାଇକ ଏବଂ ଯୁକ୍ତ ୩ ବିଭାଗ ଛାତ୍ର ହରି ନାୟକ ଓ ଛାତ୍ରୀ ସସ୍ମିତା ଓସଗାଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଡ. ଅଜୟ ମିଶ୍ର, ଉପେନ୍ଦ୍ର ବେହେରା, ବିଜୟ ପାତ୍ରୀ, ସୁମିତ ତିର୍କୀଙ୍କ ସମେତ କଲେଜର ଅଧାପିକା ଅଧାପିକା ତଥା କର୍ମଚାରୀ ସହଯୋଗ କରିଥିଲେ।

## ୱେସ୍‌କୋ ସଂଯୁକ୍ତ କର୍ମଚାରୀ ଫୋରମର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୨୮।୨


ୱେସ୍‌କୋ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା ୱେସକୋ ଏମ୍ପ୍ଲଇଜ ଜଏଣ୍ଟ ଫୋରମ ପକ୍ଷରୁ ଜେଲ ରୋଡ ସ୍ଥିତ ଇଲେକ୍ଟ୍ରିକାଲ ସର୍କଲ ପରିସରରେ ବିଦ୍ୟୁତ୍ କର୍ମଚାରୀ ଏବଂ ଅଧିକାରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଦୃଢ ନିୟମ ପ୍ରଣୟନ ହେବା ଦାବିରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ବିଦ୍ୟୁତ୍ ଜନିତ କମର୍ସିଆଲ ଆକ୍ଟିଭିଟିଜ ପାଇଁ ଏଟିଡ୍ ଏବଂ ଏସାଇନିଙ୍ଗମାନଙ୍କୁ ଲଗାଯିବା, ବିଦ୍ୟୁତ୍ ଅଧିକାରୀଙ୍କୁ ବିଲ୍ ଆଦାୟରୁ ବିରତି ଦେବା, ୮ଘଣ୍ଟା କାର୍ଯ୍ୟ ପରେ ଅନ୍ୟ କାର୍ଯ୍ୟରେ ନିୟୋଜିତ ନ କରାଯିବା, ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉପଯୁକ୍ତ ବିଜୁଳି ସେବା ପ୍ରଦାନ ସହିତ ନିର୍ଭୁଲ ବିଜୁଳି ବିଲ୍ ପ୍ରଦାନ କରିବା ଆଦି ଦାବି ହୋଇଥିଲା। ସୁଶାନ୍ତ ପଣ୍ଡା, ଶିବାଶିଷ ନାୟକ, ରଜତ ମହାନ୍ତି, ରାଜେଶ ପାଣ୍ଡେ, ସୋନାଲି ବାରିକ, ପ୍ରବେଶ ପ୍ରସାଦ ମିଶ୍ର, ସ୍ୱାଗତିକ ବଳ, ଜଗନ୍ନାଥ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

ରାଉରକେଲା ଅଫିସ,୨୮।୨

ରାଉରକେଲା ପାନପୋଷ ରେଳ ଓଭରବ୍ରିଜ ତଳେ ଏକ ଯାତ୍ରୀବାହୀ ଟ୍ରେନ ଧକ୍କା ଦେବାରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ରିପୋର୍ଟ ଲେଖିବା (ରାତି ୯ଟା) ଯାଏ ମୃତକଙ୍କ ପରିଚୟ ମିଳିନାହିଁ। ଖବର ପାଇ ଜିଆରପି ପୋଲିସ ମୃତଦେହକୁ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସରେ ରଖିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୬।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରେଳ ଓଭରବ୍ରିଜ ତଳେ ଉକ୍ତ ଯୁବକ ରେଳ ଲାଇନ ପାରି ହେଉଥିଲେ। ଏହି ସମୟରେ ରାଉରକେଲା ରେଲୱେ ଷ୍ଟେଶନରୁ ଛାଡିଥିବା ପୁରୀ-ହରିଦ୍ୱାର ଉତ୍କଳ ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆଶିଷ


@ ବବୁଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର ଅଫିସ, ୨୮।୨

ବଲାଙ୍ଗୀର ଆମ୍ ଆଦମୀ ପାର୍ଟି(ଏଏପି)ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମିଶନ ଶକ୍ତିରେ ସହାୟକ ଷ୍ଟାଫ ଭାବରେ କାମ କରୁଥିବା ଏମ୍‌ବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କମିତ୍ରମାନେ ଦୀର୍ଘ ୧୦ ବର୍ଷ ଧରି କାମ କରଛନ୍ତି। ହେଲେ ସେମାନଙ୍କ ଚାକିରି ସ୍ଥାୟୀ କରା ଯାଇନାହିଁ କିମ୍ବା ଦରମା ବୃଦ୍ଧି କରା ଯାଉନି। ଆଗାମୀ ଦିନରେ ଏ ଦାବି ପୂରଣ ନହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଶିଷ ପାଣ୍ଡେ, ସୁରଥ ବେହେରା, ସଦାଶିବ ମେହେର, ରମାକାନ୍ତ ବେହେରା, ଅଶୋକ ସୁନା, ଜୟପ୍ରକାଶ ମିଶ୍ର, ସମ୍ରାଟ ଭୋଇ, ଶଙ୍କର ପ୍ରସାଦ ନାଗ, ସୁରେଶ ମହାନନ୍ଦ, ଗଜପତି କଲେଇ, ସରୋଜ ସାମଲ, ଲଳିତ ସାହୁ, ରମଞ୍ଜାଲ ଦୀପ, ସସ୍ମିତା କୁରା ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁମନ୍ଦିରରେ ବିଜ୍ଞାନ ଦିବସ ପାଳିତ

ଦେଓଗାଁ ,୨୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଧବଳେଶ୍ୱର ସାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ମିଶ୍ର ଯୋଗଦେଇ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ପ୍ରମୁଖ ସସ୍ମିତ ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚତୁର୍ଥରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହାସହ ଶିଶୁ ଭାଇ ଭଉଣୀ ମାନଙ୍କୁ ନେଇ ବିଜ୍ଞାନ ସମ୍ବନ୍ଧିୟ କ୍ୱିଜ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଲମ୍ବୋଦର ମନହୀରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଏସ୍‌ଡି କ୍ୟାଣ୍ଟିନ ବୁଲି ଦେଖିଲେ ଜୁଏଲ ଓରାମ



ଯବାନମାନଙ୍କ ଗହଣରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ।

ରାଉରକେଲା ଅଫିସ,୨୮।୨

ସୁନ୍ଦରଗଡ ଏମ୍‌ପି ତଥା ପାର୍ଲାମେଣ୍ଟ ପ୍ରତିରକ୍ଷା ଷ୍ଟାଣ୍ଡିଂ କମିଟି ଅଧକ୍ଷ ଜୁଏଲ ଓରାମ ମଙ୍ଗଳବାର ରାଉରକେଲା ପୂର୍ବତନ ସୈନିକ ସଂଘ ଓ ରାଉରକେଲା ସେକ୍ଟର-୬ ସ୍ଥିତ ୯ମ ଓଡ଼ିଶା ଏନ୍‌ସିସି ବାଟାଲିୟନ ପରିଦର୍ଶନ କରିଥିଲେ। ଏନ୍‌ସିସି ବାଟାଲିୟନ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଶଶାଙ୍କ ଚନ୍ଦ୍ରକାନ୍ତ କୁଲକର୍ଣ୍ଣୀ, ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ରମେଶ ସାନ୍ୟାଲ, ସୁବେଦାର ମେହର ଝିଡଗୁ ଲାକ୍ରା, ପୂର୍ବତନ ସୈନିକ ସଂଘ ଉପସଭାପତି ନିର୍ମଳ ଦାଶ, ସାଧାରଣ ସମ୍ପାଦକ ସୁବେଦାର ଧନେଶ୍ୱର ଦାଶ, ଆର୍‌ଏସ୍‌ପି ଇନିୟରିଂ ବିଭାଗ ଇନ୍‌ଚାର୍ଜ ଜି ଏମ୍ ବିଜୟ ପ୍ରମୁଖ ଏମ୍‌ପିଙ୍କୁ ସ୍ୱାଗତ କରିଥିଲେ। ପରେ ଏମ୍‌ପି ଯବାନଙ୍କ ପାଇଁ ଉଦ୍ଦିଷ୍ଟ ନିର୍ମାଣାଧୀନ ସିଏସ୍‌ଡି କ୍ୟାଣ୍ଟିନର ଦୁରବସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଯଥାଶୀଘ୍ର କ୍ୟାଣ୍ଟିନ୍ କାର୍ଯ୍ୟ ଶେଷ ହେବା ପାଇଁ ଏମ୍‌ପି ପ୍ରସ୍ତାବ ଦେଇଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ଦେବଗଡ଼/ରିଆମାଳ, ୨୮।୨(ଡି.ଏନ.ଏ.)

ଦେବଗଡ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବିନୋଦ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ ଭିତ୍ତିକ ଜଣାଅଜଣା ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ର ଦେବାଶିଷ ନାଏକ ଓ ରୋଶନ କୁମାର ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ହୀନା ଦେଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ସତ୍ୟ ପ୍ରକାଶ ମିଶ୍ର, ରାମକୃଷ୍ଣ ସାହୁ, ଲୀନା ମିଶ୍ର, କାଦମ୍ବିନୀ ମିଶ୍ର, ଭାଗ୍ୟଶ୍ରୀ ଗିରି ଓ ଗୌରହରି ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ରିଆମାଳ(ଡି.ଏନ.ଏ.):** ଦେବଗଡ଼ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ରିଆମାଳ ବ୍ଲକ କୁମାଳ ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ସହକାରୀ ଶିକ୍ଷକ ମୋତିଲାଲ ପାତ୍ରଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ ଅଧାପକ ଡ଼ ଦିପେନ କୁମାର ପଟ୍ଟନୟକ ମୁଖ୍ୟ ଅତିଥି, ତାରଙ୍ଗ ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ ମୁଖ୍ୟ ବକ୍ତା, ଶିକ୍ଷକ ବିଜୟ କୁମାର ନାୟକ, ବରୁଣ କୁମାର ସାହୁ, ତ୍ରିଲୋଚନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଜ୍ଞାନ ସମ୍ପର୍କିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଶୋକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମଣିଷ-ବନ୍ୟଜନ୍ତୁ ଲଢ଼େଇ ରୋକିବାକୁ ତାଲିମ

ରାଉରକେଲା ଅଫିସ,୨୮।୨

ଦିନକୁ ଦିନ ମନୁଷ୍ୟ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ଲଢ଼େଇ ବଢିବାରେ ଲାଗିଛି। ତାକୁ ନିୟନ୍ତ୍ରଣ କରିବା ପାଇଁ କିଛି ବଛା ବଛା ବନ କର୍ମଚାରୀଙ୍କୁ ଟ୍ରାଙ୍କୁଲାଇଜେଶନ ତାଲିମ ପ୍ରଦାନ କରାଯାଉଛି। ଫଳରେ ଆଗାମୀ ଦିନରେ ମନୁଷ୍ୟ ଓ ବନ୍ୟଜନ୍ତୁ ଲଢେଇକୁ ରୋକାଯାଇପାରିବ। ଏହି କ୍ରମରେ ରାଉରକେଲା ଇନ୍ଦିରାଗାନ୍ଧୀ ପାର୍କ ବାଖ୍ୟାନ କକ୍ଷଠାରେ ମଙ୍ଗଳବାର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପକ୍ଷରୁ ଟ୍ରାଙ୍କୁଲାଇଜେଶନ ତାଲିମ ଶିବିର ଡ. ଅରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ରାଉରକେଲା ବନ ଅଧିକାରୀ ଯଶୋବନ୍ତ ସେଠୀ, ଡ. ରଞ୍ଜିତ କୁମାର ସାମନ୍ତରାୟ, ଜ୍ଞାନେନ୍ଦ୍ର ଲିମା, ସଲବିନ୍ଦର ସିଂ, ଡ. ଅଭିଜିତ ବିଶ୍ୱାସ, ପୁରୁଷୋତ୍ତମ ସାହୁ, ସତ୍ୟନାରାୟଣ ମିଶ୍ରଙ୍କ ସମେତ ବିଭିନ୍ନ ବନଖଣ୍ଡର କର୍ମଚାରୀ, ଦେବଗଡର ୨୨ ଜଣ ବନପାଳ ଓ ବନରକ୍ଷୀ ଉପସ୍ଥିତ ଥିଲେ।



ଶିବିରରେ ବନ ଅଧିକାରୀ ଏବଂ ବନରକ୍ଷୀ ଗଣ।

## ହାଇ ଟର୍କ ଲୋ ସ୍ପିଡ୍ ଡ୍ରାଇଭ ସିଷ୍ଟମ ଉଦ୍‌ଘାଟିତ

ରାଉରକେଲା ଅଫିସ,୨୮।୨

ରାଉରକେଲା ଇସ୍ପାତ କାରଖାନାରେ ସ୍ପାଇରାଲ ୱେଲ୍ଡିଂ ପାଇପ୍ ପ୍ଲାଣ୍ଟର ମୁଖ୍ୟ ୱେଲ୍ଡିଂ ମେସିନ ପାଇଁ ଏକ ହାଇଟର୍କ ଲୋ ସ୍ପିଡ୍ ଡ୍ରାଇଭ ସିଷ୍ଟମ ସୁବିଧା ସୋମବାର ଉଦ୍‌ଘାଟିତ ହୋଇଛି। ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସର୍ଭିସେସ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଦେବବ୍ରତ ଦତ୍ତ, ଗୁଣବତ୍ତା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଆତିଶ ଚନ୍ଦ୍ର ସରକାର, ଆର୍‌ଏମ୍‌ଏଚ୍‌ପି ବିଭାଗର ମୁଖ୍ୟ ମହା ପ୍ରବନ୍ଧକ କାର୍ତ୍ତିକେୟ ବେହେରା ଓ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସ୍ପାଇରାଲ ୱେଲ୍ଡିଂ ପାଇପ୍ ପ୍ଲାଣ୍ଟର ମୁଖ୍ୟ ୱେଲ୍ଡିଂ ମେସିନରେ ବ୍ୟବହୃତ ହାଇଡ୍ରୋ ମୋଟର ୧୯୭୬ ମସିହାରେ ସ୍ଥାପିତ ହୋଇଥିଲା। ୧୪ ମିଲିମିଟରରୁ ଅଧିକ ମୋଟେଇ ଯୁକ୍ତ କଏଲ ବ୍ୟବହାର କରିବା ବେଳେ ଏହା ବାରମ୍ବାର ସମସ୍ୟା ଦେଉଥିଲା। ତେଣୁ ଏହାକୁ ପ୍ରତ୍ୟାରୋପଣ କରାଯାଇ ଏକ ନୂତନ ସଂସ୍ଥା ସଂସ୍ଥାପିତ ହୋଇଛି। ନୂତନ ବ୍ୟବସ୍ଥାର ସଫଳ ସ୍ଥାପନା ପରେ ସ୍ପାଇରାଲ ୱେଲ୍ଡିଂ ପାଇପ୍ ପ୍ଲାଣ୍ଟ ଉତ୍ପାଦନ ବୃଦ୍ଧି କରାଯାଇପାରିଛି।


ପ୍ଲାଣ୍ଟରେ ନୂତନ ସିଷ୍ଟମକୁ ଉଦ୍‌ଘାଟନ କରାଯାଉଛି।

